visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.195, Bhubaneswar Tuesday, September 10, 2019 | ୨୨ତମ ବର୍ଷ ସଂଖ୍ୟା–୧୯୫ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ୩ ମାସ ପାଇଁ କୋହଳ ହେଲା ଟ୍ରାଫିକ୍ ନିୟମ

## ଲୋକଙ୍କ ଅସନ୍ତୋଷ ପରେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- କୋହଳ ହୋଇଛି ସଂଶୋଧିତ ମୋଟର ଯାନ ଆଇନ୍ । ଲୋକଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୩ ମାସ ପର୍ଯ୍ୟନ୍ତ ଜୋରିମାନା ଆଦାୟକୁ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ୩ ମାସ ନିୟମକୁ କଡ଼ାକଡ଼ି ପାଳନ ନକରିବାକୁ ଟ୍ରାଫିକ୍ ଓ ପୋଲିସ୍ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ପ୍ରତି କଠୋର ନହୋଇ ସେମାନଙ୍କୁ ବୁଝାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲୋକମାନେ ଯେପରି ସୁବିଧାରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ପାଇପାରିବେ ସେଥିପାଇଁ ଅଧିକ କାଉଂଟର ଖୋଲିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଟ୍ରାଫିକ୍ ନିୟମ ମାନିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ପ୍ରେସ୍ ରିଲିଜ ଅନୁସାରେ ସଂଶୋଧିତ ମୋଟର ଯାନ ଆଇନକୁ ନେଇ ଲୋକଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷ ବିଶେଷକରି ଭୁବନେଶ୍ୱରରେ ଲୋକଙ୍କ ଆକ୍ରୋଶ ମୁଖ୍ୟମନ୍ତ୍ରୀ ଉଦବେଗ ପ୍ରକାଶ କରିଛନ୍ତି। ଟ୍ରାଫିକ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିବା ପରିବର୍ତେ ସେମାନଙ୍କୁ ସଂଶୋଧିତ ମୋଟର ଯାନର ପ୍ରାବଧାନ ସମ୍ପର୍କରେ ବୁଝାସୁଝା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହାସହିତ ଲୋକଙ୍କୁ ସେବା ଯୋଗାଇ ଦେବା ନିମନ୍ତେ ଅଧିକ ସଂଖ୍ୟକ କାଉଂଟର ଖୋଲିବା, ଆରଟିଓ କାର୍ଯ୍ୟାଳୟଗୁଡ଼ିକର ସେବା କେନ୍ଦ୍ରକୁ ଅଧିକ ସୁଦୃଢ଼ କରିବା, ସାବର୍ଜନୀନ ପ୍ରତିଷ୍ଠାନଗୁଡ଼ିକରେ ଶିବିର ଆୟୋଜନ କରି ମୋଟରଯାନ ବ୍ୟବହାରୀଙ୍କୁ ଆବଶ୍ୟକ ଦସ୍ତାବିଜ ଉପଲବ୍ଧ କରାଇବା ଦିଗରେ ସହଯୋଗ ନିମନ୍ତେ ପରିବହନ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଲୋକଙ୍କୁ ସେମାନଙ୍କର ଗାଡ଼ି ଦସ୍ତାବିଜ ଅଥବା ସଂଶୋଧିତ ମୋଟରଯାନ ଆଇନ ଅନୁରୂପ ଦସ୍ତାବିଜ ପ୍ରସ୍ତୁତ ନିମନ୍ତେ ପର୍ଯ୍ୟାପ୍ତ ସମୟ ଦେବା ପାଇଁ ଆସନ୍ତା ୩ମାସ ପର୍ଯ୍ୟନ୍ତ କୋହଳ ଆଭିମୁଖ୍ୟ ପୋଷଣ କରିବାକୁ ଉଭୟ ପରିବହନ ଓ ପୋଲିସ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ଆଇନକୁ ପାଳନ ଓ ବିପଦଜ୍ଜନକ ଗାଡ଼ିଚଳନାରୁ ବିରତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ତ ମୋଟର ଯାନ ବ୍ୟବହାରକାରୀଙ୍କୁ ଅନୁରୋଧ କରିଛନ୍ତି।



ଟିଡିସିସିଓଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ମହିଳଙ୍କଠାରୁ ଏକ ଉପହାର ଗ୍ରହଣ କରୁଛନ୍ତି

## ୧୨ରେ କିଷାନ ମାନ ଧନ ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ ,(ପିଏନ) – ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଝାଡଖଣ୍ଡର ରାଂଚିଠାରେ ଆସନ୍ତା ୧୨ ତାରିଖରେ କିଷାନ ମାନ ଧନ ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନା ଅନ୍ତର୍ଗତ ୬୦ ବର୍ଷରୁ ଅଧିକ ବୟସର ୫ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ନ୍ୟୁନତମ ୩୦୦୦ ଟଙ୍କା ପେନସନ ଯୋଗାଇ ଦିଆଯିବ ।

ଏହି ଯୋଜନାରେ ଆଗାମୀ ୩ ବର୍ଷ ପାଇଁ ୧୦,୭୭୪ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ୧୮ ରୁ ୪୦ ବର୍ଷ ବୟସର ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏଥିପାଇଁ ଆବେଦନ କରିପାରିବେ। ଚାଷୀମାନେ ସେମାନଙ୍କ ମାସିକ କିସ୍ତିକୁ ପିଏମ-କିଷାନ ଏବଂ ସିଏସସି ମାଧ୍ୟମରେ ଅଂଶଦାନ କରିପାରିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଦିବାସୀ ଅଧ୍ୟୁଷିତ ଅଂଚଳର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରର ଶିକ୍ଷା ସୁବିଧା ଯୋଗାଇବା ପାଇଁ ୪୦୦ ଏକଲବ୍ୟ ମଡେଲ ଆବାସିକ ସ୍କୁଲର ମଧ୍ୟ ଉଦ୍ଘାଟନ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଂଚିଠାରେ ଝାଡଖଣ୍ଡ ବିଧାନ ସଭାର ନୂତନ କୋଠା ଉଦ୍ଘାଟନ କରିବା ସହିତ ନୂତନ ସଚିବାଳୟ କୋଠାର ଆଧାରଶିଳା ମଧ୍ୟ ରଖିବେ। ଗସ୍ତ କାଳରେ ସେ ସାହେବଗଞ୍ଜଠାରେ ବହୁମୁଖୀ ମଡେଲ ଟର୍ମିନାଲକୁ ମଧ୍ୟ ଉଦ୍ଘାଟନ କରିବେ ।

## ହୀରାକୁଦର ୨୦ଟି ଗେଟ୍ ଖୋଲା

ଭୁବନେଶ୍ୱର, (ପିଏନ)- ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଗତକାଲି ଭଳି ଆଜି ମଧ୍ୟ ହୀରାକୁଦ ଜଳଭଣ୍ଡାରର ୨୦ ଟି ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରର ଜଳ ସ୍ତର ସଂଧ୍ୟା ୬ଟା ସୁଦ୍ଧା ୬୨୫.୫୦ ଫୁଟ୍ ରହିଥିଲା। ପ୍ରତି ସେକେଣ୍ଡରେ ୩ଲକ୍ଷ ୨୯ ହଜାର ୪୨୫ ଘନଫୁଟ୍ ଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଥିବା ବେଳେ ୩ଲକ୍ଷ ୪୨ ହଜାର ୧୩୦ ଘନଫୁଟ ଜଳ ନିଷ୍କାସିତ ହେଉଛି।

## ଦୁଇ ଶିଶୁପୁତ୍ରଙ୍କୁ ହତ୍ୟା କରି ମାଆର ଆତ୍ମହତ୍ୟା

ଭବାନୀପାଟଣା, (ପିଏନ୍)–ସ୍ୱାମୀଙ୍କ ଅନୁପସ୍ଥିତିରେ ଜଣେ ମହିଳା ନିଜର ଦୁଇ ଶିଶୁ ପୁତ୍ରଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ହତ୍ୟା କରି ନିଜେ ଆତ୍ମହତ୍ୟା କରିଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିଂଘରଣ ଗ୍ରାମରେ । ମାଆ ବିମଳା ମାଝି ବଡ ପୁଅ ୬ ବର୍ଷିୟ ଦୁଷ୍ମନ୍ତ ଓ ସାନପୁଅ ୪ ବର୍ଷିୟ ରୋହିତଙ୍କର ତଂଟି କାଟି ହତ୍ୟା କରିବା ପରେ ଗାଁ ନିକଟସ୍ଥ ରେଳ ଧାରଣାରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଆଜି ସକାଳେ ଶୌଚପାଇଁ ଯାଇଥିବା ଗ୍ରାମର କେତେକ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ । ସଦର ପୋଲିସ ଘଟଣାସ୍ଥଳରେ ପହଂଚି ରେଳ ଧାରଣାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର କରିବା ସହ ଶିଶୁ ଦ୍ୱୟଙ୍କ ମୃତଦେହ ଘର ଭିତରୁ ଉଦ୍ଧାର କରିଥିଲା । ଦୁଇ ପିଲାଙ୍କ ତଂଟିରେ କଟା ଦାଗ ରହିଥିବା ଦେଖିବାକୁ ମିଳିଥିଲା । ଶବ ଜବତ ପରେ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି । ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରୀ ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶାବାଦୀ ରହିଛି। ସୂଚନାଯୋଗ୍ୟ ଯେ, ପାରିବାରିକ ଅଶାନ୍ତି ଓ ମନୋମାଳିନ୍ୟ କାରଣରୁ ଗତ କିଛି ମାସ ହେଲା ବିମଳାଙ୍କ ସ୍ୱାମୀ ତାଙ୍କ ସହ ରହୁନଥିଲେ ।

*ୟୁଏଇର ପ୍ରମୁଖ ତୈଳ, ଗ୍ୟାସ ଓ ପେଟ୍ରୋଲିୟମ ଏବଂ ଇସ୍ପାତ୍ କମ୍ପାନୀଙ୍କ ସହ ବୈଠକ*

# ଭାରତରେ ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ପାଇଁ ୟୁଏଇର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ



ଦୁବାଇ/ଭୁବନେଶ୍ୱର,(ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁଏଇର ରାଷ୍ଟ୍ରପତି ଏଚ୍ଇ ଶିଖ୍ ଖଲିଫା ବିନ୍ ଜାୟଦ୍ ଅଲ୍ ନାହ୍ୟାନଙ୍କ ନେତୃତ୍ୱରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମିଶି ଅନେକ ଐତିହାସିକ ମାଇଲଖୁଂଟକୁ ପୂରଣ କରିଛନ୍ତି । ଉଭୟେ ଏହି ବନ୍ଧୁତ୍ୱକୁ ଆଗକୁ ନେବା ସହ ପରସ୍ପର ସହଯୋଗୀ ହୋଇ ଉକ୍ତ କାର୍ଯ୍ୟକୁ ପ୍ରାଥମିକତା ଦେଇ କାମ କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପାଂଚ ଦିନିଆ ବିଦେଶ ଗସ୍ତରେ ଥିବା ଶ୍ରୀ ପ୍ରଧାନ ସୋମବାର ୟୁଏଇର ପ୍ରମୁଖ ତୈଳ ଓ ଗ୍ୟାସ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ସହ ସେଠାକାର ଇସ୍ପାତ ଶିଳ୍ପର ଅଧିକାରୀମାନଙ୍କ ସହ ବୈଠକ କରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।ୟୁଏଇର ପ୍ରମୁଖ ତୈଳ ଓ ଗ୍ୟାସ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ୍ କରିବା ଅବସରରେ ଉଭୟଙ୍କ ମଧ୍ୟରେ ଉର୍ଜା କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବ୍ୟବସାୟିକ ସହଯୋଗ ଏବଂପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାବ୍ୟତୀତ ଦୁଇ ଦେଶ ମଧ୍ୟରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ସହ ୟୁଏଇରେ ଭାରତ ନିଜର ଉପସ୍ଥିତିକୁ ଆହୁରି ଅଧିକ ଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା ।ଏହି ଅବସରରେ ଦୁବାଇ ଠାରେ ୟୁଏଇର ଇସ୍ପାତ ଶିଳ୍ପର ପ୍ରତିନିଧିମାନଙ୍କ ସହ ମଧ୍ୟ ଶ୍ରୀ ପ୍ରଧାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଥିଲା । ବୈଠକରେ ଇସ୍ପାତ କ୍ଷେତ୍ରରେ ଭାରତ ଓ ୟୁଏଇ ମଧ୍ୟରେ ବ୍ୟବସାୟିକ କ୍ଷମତାକୁ ସଫଳ କରିବା ଦିଗରେ ଚର୍ଚ୍ଚା ହୋଇଥିଲା । ଶ୍ରୀ ପ୍ରଧାନ ଭାରତରେ ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ପାଇଁ ୟୁଏଇର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଥିଲେ ।

# ରାଜ୍ୟରେ ୫ଟି ନଦୀର ଜଳପତନ ବୃଦ୍ଧି

ଭୁବନେଶ୍ୱର, (ପିଏନ)- ରାଜ୍ୟର ୫ଟି ନଦୀର କେତେକ ସ୍ଥାନରେ ଜଳପତନ ବୃଦ୍ଧି ପାଉଥିଲା ବେଳେ ଅନ୍ୟ ୫ଟି ନଦୀର ଜଳ ପତନ ସ୍ଥିର ରହିଥିବା ଜଣାପଡ଼ିଛି । ଏହା ବ୍ୟତୀତ ଆଉ ୫ଟି ନଦୀର ଜଳପତନ ହ୍ରାସ ପାଉଥିବା ପରିଲକ୍ଷିତ ହୋଇଛି । ଦେବୀ ନଦୀ ଆଳି ପିଙ୍ଗଳଠାରେ ବିପଦ ସଂକେତ ପାଖାପାଖି ହୋଇଥିଲା ବେଳେ କୁଶଭଦ୍ରା ନଦୀ ନିମାପଡ଼ା, ବ୍ରାହ୍ମଣୀ ଜେନାପୁର, ସୁବର୍ଣ୍ଣରେଖା ରାଜଘାଟ, ବଂଶଧାରା ଗୁଣୁପୁର ଠାରେ ଜଳସ୍ତର ବିପଦସଂକେତ ନିକଟସ୍ଥ ହୋଇଛି । ମହାନଦୀ ନରାଜଠାରେ ସ୍ଥିର ରହିଛି । ଏହାର ବିପଦ ସଂକେତ ୨୬.୪୧ ମିଟର ଥିଲା ବେଳେ ଆଜି ସଂଧ୍ୟା ୬ଟା ସୁଦ୍ଧା ଏହାର ଜଳପତନ ସେଠାରେ ୨୬.୩୧ ମିଟରରେ ରହିଛି । ସତର୍କ ସ୍ତର ଉପରେ ପ୍ରବାହିତ ହେଉଛି । ସତର୍କ ସ୍ତର ହେଉଛି ୨୫.୪୧ ମିଟର । ଇବ୍ ନଦୀ ସୁନ୍ଦରଗଡ଼ଠାରେ ବିପଦ ସଂକେତ ୨୨୨ ମିଟର, ସତର୍କ ସ୍ତର ୨୨୧.୭୦ ମିଟର ରହିଥିଲା ବେଳେ ଏହାର ଜଳପତନ ସନ୍ଧ୍ୟା ୬ଟାରେ ୨୧୭.୩୦ ମିଟରେ ପ୍ରବାହିତ ହେଉଛି । ବୁଢ଼ାବଳଙ୍ଗର ଜାତୀୟ ରାଜପଥରେ ବିପଦ ସଂକେତ ୮.୧୩ ମିଟର ଏବଂ ସତର୍କ ସଂକେତ ୭.୨୧ ମିଟର ଥିଲା ବେଳେ ବର୍ତମାନ ୪.୯୪ ମିଟରରେ ରହିଛି । ଋଷିକୂଲ୍ୟା ନଦୀର ଜଳପତନ ପୁରୁଷୋତମପୁରଠାରେ ବିପଦ ସଂକେତ ୧୬.୮୩ ମିଟର ରହିଥିଲା ବେଳେ ସତର୍କ ସଂକେତ ୧୫.୮୩ ମିଟର ରହିଛି । ତେବେ ବର୍ତମାନ ୧୩.୭୦ ମିଟରରେ ଜଳସ୍ତର ରହିଛି । ବ୍ରାହ୍ମଣୀ ନଦୀ ଆନନ୍ଦପୁରଠାରେ ବିପଦ ସଂକେତ ୩୮.୩୬ ମିଟର ରହିଥିଲା ବେଳେ ସତର୍କ ସଂକେତ ୩୭.୪୫ ମିଟରରେ ରହିଛି । ରିପୋର୍ଟିଂ ସମୟରେ ଏହାର ଜଳପତନ ୩୫.୫ ମିଟରରେ ପ୍ରବାହିତ ହେଉଥିଲା । ଏହି ନଦୀର ଜଳପତନ ଆଖୁଆପଦାଠାରେ ବିପଦସଂକେତ ୧୭.୮୩ ମିଟର ରହିଥିଲା ବେଳେ ସତର୍କ ସଂକେତ ୧୭.୩୩ ମିଟର ରହିଛି । ସଂଧ୍ୟା ୬ଟାରେ ଏହି ନଦୀର ଜଳସ୍ତର ୧୭.୨୮ ମିଟରରେ ରହିଥିଲା । ବୁଢ଼ାବଳଙ୍ଗ ଜାମଶୋଳାଘାଟଠାରେ ୩୯.୧୫ ମିଟର ବିପଦ ସଂକେତ ରହିଥିଲା ବେଳେ ସତର୍କ ସ୍ତର ୪୮.୩୨ ମିଟର ରହିଛି । ସନ୍ଧ୍ୟା ୬ଟାରେ ଏହି ନଦୀର ଜଳପତନ ୪୫.୫୬ ମିଟର ରହିଥିଲା । ସୁବର୍ଣ୍ଣରେଖା ଜାମଶୋଳାଘାଟରେ ବିପଦ ସଂକେତ ୪୯.୧୫ ମିଟର ଥିଲା ବେଳେ ସତର୍କ ସଂକେତ ୪୮.୩୨ ମିଟର ରହିଛି । ସଂଧ୍ୟା ୬ ଟାରେ ୪୫.୫୬ ମିଟରରେ ପ୍ରବାହିତ ହେଉଛି । ବଂଶଧାରା କାଶୀନଗରଠାରେ ବିପଦ ସଂକେତ ୫୪.୬୦ ଓ ସତର୍କ ସ୍ତର ୫୩.୬୦ ମିଟରରେ ଥିଲା ବେଳେ ସଂଧ୍ୟାରେଏହାର ଜଳପତନ ୫୩.୭୩ ମିଟର ରହିଛି । ଯାହାକି ସତର୍କ ସ୍ତର ଉପରେ ପ୍ରବାହିତ ହେଉଛି । ଜଳକା ମଥାନୀଠାରେ ବିପଦସଂକେତ ୫.୫୦ ମିଟର ଥିଲା ବେଳେ ସଂଧ୍ୟାରେ ୪.୪୪ ମିଟରରେ ରହିଛି । ଏହା ହ୍ରାସ ପାଇବା ଆରମ୍ଭ କରିଛି ।

# ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଲଲିପପ୍ ଦେଖା ବନ୍ଦ କରନ୍ତୁ : କଂଗ୍ରେସ

ଭୁବନେଶ୍ୱର, (ପିଏନ)- ନୂଆ ମୋଟରଯାନ ଆଇନ୍କୁ ତିନିମାସ ପାଇଁ କୋହଳ ଭାବେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ନିର୍ଦ୍ଦେଶକୁ ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ତୀବ୍ର ସମାଲୋଚନା କରିଛନ୍ତି। ଆଗକୁ ନଗରପାଳିକା ନିର୍ବାଚନ ଥିବାରୁ ଏହି ଆଇନ୍କୁ ତିନିମାସ କୋହଳ କରି ଓଡିଶାବାସୀଙ୍କୁ ପୁଣି ଲଲିପପ୍ ଦେଖାଇ ଭୋଟ ହାତେଇବାର ଯେଉଁ ପ୍ରୟାସ କରୁଛନ୍ତି ତା'ର ଉଚିତ୍ ଜବାବ ଆଗାମୀ ଦିନରେ ଓଡିଶାବାସୀ ଦେବେ ବୋଲି ଡଃ ଜ୍ଞାନେନ୍ଦ୍ର କହିଛନ୍ତି। ନୂଆ ମୋଟରଯାନ ଆଇନ୍ ସଂସଦରେ ପାସ୍ ହେଲାବେଳେ ଜନସାଧାରଣଙ୍କ ଭଲମନ୍ଦକୁ ନବୁଝି ରାଜ୍ୟ ଶାସନରେ ଥିବା ବିଜେଡି ଦଳର ସାଂସଦମାନେ ସମର୍ଥନ ଦେଲେ। ଅନ୍ୟ କେତେକ ରାଜ୍ୟ ସରକାର ଏଭଳି ଆଇନ୍କୁ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ବେଳେ ଆମ ରାଜ୍ୟ ମୁଖ୍ୟମନ୍ତ୍ରୀ ଏହି ଆଇନ୍ର ଠିକଣା ସମୀକ୍ଷା ନକରି ରାଜ୍ୟରେ କାର୍ଯ୍ୟକାରୀ କରାଇଦେଲେ। ବିଗତ ଦିନମାନଙ୍କରେ ସାଧାରଣ ଜନତାର କ୍ରୋଧ ସରକାରଙ୍କ ଉପରେ ଦେଖିଲା ପରେ ମୁଖ୍ୟମନ୍ତ୍ରୀଙ୍କର ଚେତା ପଶିଲା ବୋଲି ସେ କହିଛନ୍ତି।

ଯଦି ମୁଖ୍ୟମନ୍ତ୍ରୀଙ୍କର ପ୍ରକୃତରେ ଓଡିଶାବାସୀଙ୍କ ପ୍ରତି ଆନ୍ତରିକତା ଅଛି ତେବେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ଓଡିଶା ଏହି ଆଇନ୍କୁ ପ୍ରତ୍ୟାଖ୍ୟାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଶହେ ଦିନର କାମ ସମ୍ପର୍କରେ ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ମଣ୍ଡାଭିଆ

# ମୋଦି ସରକାର ଦେଶର ଗରୀବ, ବଂଚିତ ଓ ଶୋଷିତଙ୍କ ପାଇଁ ସମର୍ପିତ

ଭୁବନେଶ୍ୱର,(ପିଏନ)- ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନରେ କେନ୍ଦ୍ର ସରକାର ଓଡିଶାକୁ ୧୬,୬୦୫.୨ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ମନସୁଖ୍ ମଣ୍ଡାଭିଆ ପ୍ରକାଶ କରିଛନ୍ତି। ସୋମବାର ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ୧୦୦ ଦିନର ହିସାବ ଦେଇ ସେ ଏହା ପ୍ରକାଶ କରିଥିଲେ।

ସେ କହିଥିଲେ ଯେ ଓଡିଶାକୁ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ ଓଡିଶାର ଦୁଇ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଦୁଇଟି ବିଭାଗ ଦିଆଯାଇଥିଲା। ଏବେ ୪ ଟି ବିଭାଗ ଦିଆଯାଇଛି। ଓଡିଶାକୁ ଦିଆଯାଇଥିବା ୧୬,୬୦୫.୨ କୋଟି ଟଙ୍କା ମଧ୍ୟରୁ ୫,୩୩୩ କୋଟି ଟଙ୍କା କାମ୍ପା ଫଣ୍ଡରୁ ଦିଆଯାଇଥିବା ବେଳେ ଫନିର କ୍ଷତିପୂରଣ ବାବଦକୁ ୩ଟି ପର୍ଯ୍ୟାୟରେ ୪,୬୭୮.୨୨ କୋଟି ଟଙ୍କା ଓ ରେଲୱେ ବଜେଟ୍ ରେ ୫,୯୯୩ କୋଟି ଟଙ୍କା ଦିଆଯାଇଛି। ଓଡିଶାକୁ କୌଣସି କ୍ଷେତ୍ରରେ ଅବହେଳା କରାଯାଇ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ ଓ ବାତ୍ୟା ପ୍ରବଣ ଅଂଚଳରେ ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ମୋଦି ସରକାର ସବକା ସାଥ, ସବକା ବିକାଶ ନୀତି ନେଇ କାମ କରୁଛି । ମୋଦି ସରକାରଙ୍କ ନୀତିର ମୂଳରେ ଦେଶର ଗରୀବ, ବଂଚିତ ଓ ଶୋଷିତ ରହିଛି । ସେମାନଙ୍କର ବିକାଶ ସହିତ ଜାମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଏକ ନୂଆ ଇତିହାସ ସୃଷ୍ଟି କରିଛି ସେହିପରି ପ୍ରତିରକ୍ଷା, ଦୂରସଂଚାର ଓ ବିଦେଶ ନୀତିରେ ବୈପ୍ଳବିକ ପରିବର୍ତନ ଆଣିବା ସହ ଦେଶର ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ମୋଦି ସରକାର କାମ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ତା'ର ଦ୍ୱିତୀୟ ପାଳିରେ ୧୦୦ ଦିନ ପୂରା କରିଥିବା ଅବସରରେ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ମନ୍ତ୍ରୀ ମନସୁଖ୍ ମାଣ୍ଡଭିଆ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।




ସେ କହିଛନ୍ତି ଯେ ମୋଦୀ ସରକାର ତାଙ୍କର ଦ୍ୱିତୀୟ ପାଳିର ପ୍ରଥମ ୧୦୦ ଦିନରେ ଦେଶର ହିତ ପାଇଁ ବହୁ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ଗତ ବଜେଟ୍ ଅଧିବେଶନରେ ସର୍ବାଧିକ ଦିନ ଧରି ସଂସଦ ଚାଲିଥିଲା। ଯାହା ବିଗତ ୨୦ ବର୍ଷରେ ହୋଇ ନାହିଁ । ବିଜେପି ସରକାର ଲୋକଙ୍କୁ କ୍ଷତି ପହଁଚାଉଥିବା ୫୮ଟି ଆଇନକୁ ହଟାଇ ଦେଇଛନ୍ତି ଏବଂ ନୂତନ ଆଇନ ପ୍ରଣୟନ କରିଛନ୍ତି । ବଡ଼ ଐତିହାସିକ ପଦକ୍ଷେପ ହେଲା ଜାମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ। ଜାମ୍ମୁ ଓ କାଶ୍ମୀର ବାସିନ୍ଦା ଆଜି ନିଜର ହକ୍ ପାଇଛନ୍ତି। ସରକାରୀ ଯୋଜନା ଆଉ ଅପହଂଚ ହୋଇ ରହି ନାହିଁ । ସେହିପରି ଆତଙ୍କାବାଦୀଙ୍କ ନିରସ୍ତ୍ର କରିବାକୁ ଉଦ୍ୟମ ଜାରି ରହିଛି । ଆତଙ୍କାବାଦୀଙ୍କୁ ଚିହ୍ନଟ କରି ତାଙ୍କୁ ଦଣ୍ଡିତ କରିବାକୁ ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନ୍ଆଇଏକୁ ସଶକ୍ତ କରାଯାଇଛି । ଏନ୍ଆଇଏ ଆବଶ୍ୟକ ମୁତାବକ ସ୍ୱତନ୍ତ୍ରଭାବେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବ । ସେହିପରି ଡିଫେନ୍ସ ଷ୍ଟାଫ ଗଠନ କରାଯାଇଛି । ଭାରତୀୟ ବାୟୁସେନାକୁ ଆହୁରି ଶକ୍ତିଶାଳୀ କରିବାକୁ ଆପାଚେ ଯୁଦ୍ଧ ବିମାନ ସେନାରେ ସାମିଲ ହୋଇପାରିଛି ।

ସେହିପରି ସବୁ ବର୍ଗର ବିକାଶ ହେଲେ ନ୍ୟୁ ଇଣ୍ଡିଆର ସ୍ୱପ୍ନ ପୂରଣ ହୋଇପାରିବ। ଦେଶର ସବୁ ବର୍ଗର ଲୋକଙ୍କୁ ସାମାଜିକ, ଆର୍ଥିକ, ଓ ଭୌଗୋଳିକ କ୍ଷେତ୍ରରେ ସମାନ ସୁଯୋଗ ମିଳିବା ନେଇ ପ୍ରୟାସ ଜାରି ରହିଛି । ସେଥିପାଇଁ ଆଦିବାସୀ ବର୍ଗର ପିଲାଙ୍କ ଶିକ୍ଷା ପାଇଁ ୧୫୦ ଟି ଏକଲବ୍ୟ ଆଦିବାସୀ ସ୍କୁଲ ପ୍ରତିଷ୍ଠା କରାଯାଇଛି ବୋଲି କହିନ୍ତି ମନସୁଖ ମଣ୍ଡାଭିଆ ।ସେ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ଓ ଲଦାଖ–ଭାରତର ମୁକୁଟ, ୫ ଟ୍ରିଲିଅନ ଡଲାର ଅର୍ଥ ବ୍ୟବସ୍ଥା ହାସଲ କରିବା ପାଇଁ ବ୍ୟାପକ ଅର୍ଥନୈତିକ ସଂସ୍କାର, ବ୍ୟବସାୟିକ ସୁଗମତା, ସମାଜର ସବୁ ବର୍ଗଙ୍କ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା, ସମସ୍ତଙ୍କର ସଶକ୍ତିକରଣ, କୃଷକଙ୍କ ଆୟ ଦ୍ୱିଗୁଣିତ କରିବା, ଜଳ ସୁରକ୍ଷା କ୍ଷେତ୍ରରେ ନେତୃତ୍ୱ, ଉତମ ପ୍ରଶାସନ, ଭାରତକୁ ସୁରକ୍ଷା ପ୍ରଦାନ କରୁଥିବା ଲୋକଙ୍କ ପ୍ରତି ଉତ୍ସର୍ଗ ସରକାରଙ୍କ ପ୍ରଥମ ନିଷ୍ପତି । ସେ କହିଛନ୍ତି ଯେ ଉଚ୍ଚଶିକ୍ଷା ଭିତିଭୂମି ଉପରେ ଗୁରୁତ୍ୱ, ଆବିଷ୍କାର ସୋପାନରେ, ସୁରକ୍ଷା ଓ ପ୍ରତିରକ୍ଷା କ୍ଷେତ୍ର, ମୋଦୀ ସରକାରଙ୍କ କାର୍ଯ୍ୟକୁ ବିଶ୍ୱସ୍ତରରେ ପ୍ରଶଂସା, ବିଶ୍ୱ ସ୍ତରରେ ଭାରତର ସମ୍ମାନରେ ବୃଦ୍ଧି, ବୈଶ୍ୱିକ କାର୍ଯ୍ୟକ୍ରମ ରେ ଭାରତର ଉନ୍ନତି, ଜି–୨୦ରେ ପ୍ରଧାନମନ୍ତ୍ରୀ ମୋଦୀ, ପଡୋଶୀ ପ୍ରଥମେ ନୀତି, ବୃଦ୍ଧି ପାଇଥିବା ପଡୋଶୀଙ୍କ ସହିତ ଆମ ସମ୍ପର୍କରେ ବୃଦ୍ଧି, ବିଶ୍ୱସ୍ତରରେ ଭାରତର ପ୍ରଭାବବୃଦ୍ଧି, ଜି–୭ ସମ୍ମିଳନୀ, ରୁଷ ସହ ସମ୍ପର୍କ ଦୃଢ଼ୀକରଣ, ଉତର–ପୂର୍ବାଂଚଳର ବିକାଶ ହୋଇଛି ।

ସେ କହିଛନ୍ତି ଯେ ଜାମ୍ମୁ, କାଶ୍ମୀର ଓ ଲଦାଖରେ ଜନସାଧାରଣଙ୍କ ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ ଧାରା ୩୭୦ ଓ ୩୫–ଏର ଉଚ୍ଛେଦ, ଭାରତକୁ ୫ ଟ୍ରିଲିଅନ ଡଲାର ଅର୍ଥବ୍ୟବସ୍ଥାରେ ପରିଣତକରିବା, ଭିତିଭୂମି ଓ ସାମାଜିକକ୍ଷେତ୍ରରେ ବଡ ଧରଣର ନିବେଶ, ବ୍ୟବସାୟିକ ସୁଗମତା, ତିନିତଲାକ ବିରୋଧରେ ଆଇନଗତ ପଦକ୍ଷେପ, ଜିଏସଟି ଓ ଆଇଟିରିଟର୍ଣ୍ଣ ଫାଇଲ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ବାହ୍ୟ ବାଧା ଦୂର, ଜଳଶକ୍ତି ଅଭିଯାନ, ହର ଘର ବିଜଲି ଯୋଜନା, ଗ୍ୟାସ ସଂଯୋଗ ପାଇଁ ଉଜ୍ଜ୍ୱଳାଯୋଜନା, ଆୟୁଷ୍ମାନ ଭାରତ, ଅଣ ସଂଗଠିତ କ୍ଷେତ୍ରରେକାର୍ଯ୍ୟକରୁଥିବାଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁସାମାଜିକକ୍ଷେତ୍ରରେସୁରକ୍ଷା, କୃଷକମାନଙ୍କ ପାଇଁ ବିଶ୍ୱରେ ସର୍ବାଧିକ ଆର୍ଥିକ ସହାୟତା, ଫିଟଇଣ୍ଡିଆ ପାଇଁ ଓ ଥରକେବ୍ୟବହୃତହେଉଥିବା ପ୍ଲାଷ୍ଟିକର ଉପଯୋଗ ନିଷିଦ୍ଧ କରିବା ବିରୋଧରେ ଜନ ଆନ୍ଦୋଳନ, ଉତମପ୍ରଶାସନ ପାଇଁ ପଦକ୍ଷେପ, ଫଳପ୍ରଦ ସଂସଦୀୟ ଅଧିବେଶନ ଓ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟଧାରା ଆଦି ପ୍ରମୁଖକାର୍ଯ୍ୟକ୍ରମ ସମ୍ବନ୍ଧରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ, ଉପନେତା ବିଷ୍ଣୁ ସେଠୀ, ମୁଖ୍ୟ ସଚେତକ ମୋହନ ମାଝୀ , ସାଂସଦ ଅପରାଜିତା ଷଡଙ୍ଗୀ, ଅଶ୍ୱିନୀ ବୈଷ୍ଣବ ତଥା ପତ୍ରସୂଚନା କାର୍ଯ୍ୟାଳୟର ଅଧିକାରୀ ମାନେ ଉପସ୍ଥିତ ଥିଲେ ।








# ଟି ଟାଇମ୍

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି ।

## ଉଭୟ ଭୁବନେଶ୍ୱର ଓ କଟକ ଲୋକସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ସଞ୍ଜୟ କୁମାର ସାହୁଙ୍କୁ ଜୋରଦାର ପ୍ରଚାର



ଭୁବନେଶ୍ୱର: (ପିଏନ):- କଳାପଥର ଅଂଚଳର ସମାଜ ସେବୀ ସଞ୍ଜୟ କୁମାର ସାହୁ ଉଭୟ ଭୁବନେଶ୍ୱର ଓ କଟକ ଲୋକସଭା ଆସନ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ହ୍ୱିସିଲ ଚିହ୍ନରେ ଲଢ଼େଇ କରିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି । ନିଜ ବାଇକ୍‌ରେ ଗାଁ, ବସ୍ତି, ଗଳିକନ୍ଦି ବୁଲି ବୁଲି ଏବଂ ନିଜେ ହ୍ୱିସିଲମାରି ତାଙ୍କରି ଚିହ୍ନ ହ୍ୱିସିଲ ଚିହ୍ନରେ ଭୋଟ ଦେବା ପାଇଁ ଜନସାଧାରଣ, ଯୁବକ, ଯୁବତୀ ଏବଂ ମହିଳାଙ୍କୁ ଅନୁରୋଧ କରୁଛନ୍ତି । ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ଭଳି ସେ ଟଙ୍କା, ମଦ, ମାଂସ ଓ ଭୋଜିଭାତ ଭୋଟରଙ୍କୁ ନ ଦେଇ ବିନା ଖର୍ଚ୍ଚରେ ଅତି ସାଧାରଣ ଭାବେ ନିଜେ ଅଭିନବ ଢ଼ଙ୍ଗରେ ଭୋଟ ପ୍ରଚାର କରୁଛନ୍ତି । ତାଙ୍କରୀ ଏହି ପ୍ରଚାର ବିଭିନ୍ନ ଟିଭି ଚାନେଲରେ ମଧ୍ୟ ପ୍ରଶାରଣ ହୋଇ ସାରିଲାଣି । ଏହା ଉଭୟ ଭୁବନେଶ୍ୱର ଓ କଟକରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ପ୍ରଚୁର ଟଙ୍କା ଖର୍ଚ୍ଚ କରି ନିର୍ବାଚରରେ ଜିତିଲା ପରେ ସାଧାରଣ ଲୋକଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନାରୁ ପିସି ନେବା କେତେ ଦୂର ଯଥାର୍ଥ ବୋଲି ସେ ଭୋଟରଙ୍କୁ ଅବଗତ ଏବଂ ସଚେତନ କରାଇବାରେ ଲାଗି ପଡିଛନ୍ତି । ସାଧାରଣ ଭୋଟର ସେମାନଙ୍କର ଭୋଟର ପ୍ରକୃତ ମୂଲ୍ୟ ବୁଝିବା ଏବଂ ଦଳ ଅପେକ୍ଷା ବ୍ୟକ୍ତିତ୍ୱକୁ ଦେଖି ଭୋଟ ଦେଲେ ପ୍ରକୃତ ଗଣତନ୍ତ୍ରର ସୁଫଳ ଜନସାଧାରଣ ପାଇଁ ପାରିବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ସ୍ୱାଧିନ ପ୍ରାର୍ଥୀ ଭାବେ ସେ ନିଜର ଚିହ୍ନ ହ୍ୱିସିଲ ଏବଂ ବାଇକ୍‌ଙ୍କୁ ସାହାରା କରି ସେ ଭୋଟ ପ୍ରଚାର କରୁଛନ୍ତି ।

## ସୁନା ଚେନ୍ ଗିଳିଲା ଚୋର

ଏଜେନ୍ସୀ : ଥାନେ ଗତ ସପ୍ତାହରେ ଥାନେ ପୁଲିସ ଏପରି ଏକ କାର୍ଯ୍ୟ ତୁଲାଇଛି ଯାହାକୁ ସାଧାରଣରେ କେହି କରିବା ପାଇଁ ଚାହିଁବେ ନାହିଁ। ସୁନା ଚେନ୍ ଲୁଟ୍ କରୁଥିବା ଏକ ଚୋରକୁ ଧରିବା ପରେ ଚୋରଟି ଗିଳି ଦେଇଥିଲା ଚେନଟିକୁ। ପରେ ପୁଲିସ୍ ଚୋରକୁ ହେପାଜତକୁ ନେଇ ବାରମ୍ବାର କଦଳୀ ଏବଂ ଅନ୍ୟ ଖାଦ୍ୟ ସାମଗ୍ରି ଦେଇ ମଳତ୍ୟାଗ କରାଇବାର ଚେଷ୍ଟା କରିଥିଲା। ଦୁଇ ଦିନ ମଧ୍ୟରେ ଚୋରଟି ୮ଥର ମଳତ୍ୟାଗ କରିଥିଲେ ମଧ ବାହାରିନଥିଲା ଚେନଟି।

## ପୁରାଣ କାହାଣୀ

# ଜାଖୁ ପର୍ବତରେ ହନୁମାନଙ୍କ ପାଦଚିହ୍ନ ପୂଜା



ଶିମଳା ସହରର ଦୁଇ କିମି ଦୂରରେ ଜାଖୁ ପାହାଡରେ ଏକ ପ୍ରାଚୀନ ହନୁମାନ ମନ୍ଦିର ରହିଛି । ଏହି ମନ୍ଦିରରେ ହନୁମାନଙ୍କ ପାଦ ଚିହ୍ନ ପୂଜା କରାଯାଉଥିବା ଜଣାପଡିଛି । ଜାଖୁ ମନ୍ଦିରକୁ ନିର୍ମାଣ କରିଥିଲେ ଯାକୁ ଋଷି । ରାମ-ରାବଣ ଯୁଦ୍ଧରେ ମେଘନାଦ ତୀରରେ ଲକ୍ଷ୍ମଣ ଚେତା ହରାଇଥିଲେ । ଲକ୍ଷ୍ମଣଙ୍କ ଚେତାକୁ ଫେରାଇବା ଲାଗି ବୈଦ୍ୟରାଜ ଜାମ୍ବବାନ ହିମାଳୟରୁ ସଞ୍ଜିବନୀ ଆଣିବା ପାଇଁ କହିଲେ । ଏହା ଶୁଣି ପ୍ରଭୁ ରାମଚନ୍ଦ୍ର ଭକ୍ତ ହନୁମାନଙ୍କୁ ସଞ୍ଜିବନୀ ଆଣିବା ପାଇଁ ନିର୍ଦ୍ଦେଶ ଦେଲେ । ରାମଙ୍କ ଆଜ୍ଞାରେ ହନୁମାନ ହିମାଳୟ ଅଭିମୁଖେ ଗଲେ । ଯିବା ସମୟରେ ଯାକୁ ନାମକ ଋଷିଙ୍କ ଆଶ୍ରମକୁ ଦେଖି ଭାବିଲେ ଋଷିଙ୍କୁ ସଞ୍ଜିବନୀ ବିଷୟରେ ପଚାରି ବୁଝିବି । ଏହା ଭାବି ପାହାଡରେ ଓହ୍ଲାଇବା ମାତ୍ରେ ପାହାଡର କିଛି ଅଂଶ ତଳକୁ ଧଶିଗଲା । କାରଣ ହନୁମାନଙ୍କ ଓଜନକୁ ପାହାଡ ସମ୍ଭାଳି ପାରିଲା ନାହିଁ । ହନୁମାନ ଋଷିଙ୍କୁ ପ୍ରଣାମ କରି ସଞ୍ଜିବନୀ ସମ୍ପର୍କରେ ଜ୍ଞାନ ଆହରଣ କରି ପୁନଃ ଆପଣଙ୍କ ପାଖକୁ ଆସିବି କହି ବିଦାୟ ନେଲେ । ସଞ୍ଜିବନୀ ସଂଗ୍ରହ କରି ଫେରୁତ୍‌ବା ସମୟରେ କାଳନେମୀ ନାମକ ରାକ୍ଷସ ସହ ହନୁମାନଙ୍କର ଯୁଦ୍ଧ ହେଲା । ଏହି ଯୁଦ୍ଧରେ କାଳନେମୀ ରାକ୍ଷସ ପରାସ୍ତ ହେଲା । ଯୁଦ୍ଧରେ ବେଶୀ ସମୟ କଟିଗଲା ଭାବି ହନୁମାନ ଗୁପ୍ତ ରାସ୍ତା ଦେଇ ହନୁମାନ ଲଙ୍କା ପହଞ୍ଚିବାକୁ ସ୍ଥିର କଲେ । ଲଙ୍କା ଯିବା ସମୟରେ ଋଷିଙ୍କୁ ଦେଇଥିବା ବଚନ କଥା ମନେ ପକାଇ ସଙ୍ଗେସଙ୍ଗେ ଋଷିଙ୍କ ନିକଟରେ ପହଞ୍ଚି ବାସ୍ତୁସ୍ଥିତି ସମ୍ପର୍କରେ କହି ଅନ୍ତର୍ଦ୍ଧାନ ହୋଇଗଲେ । ଯେଉଁଠି ହନୁମାନ ପାଦ ଥାପିଥିଲେ ସେହି ସ୍ଥାନରେ ଯାକୁ ଋଷି ହନୁମାନ ମନ୍ଦିର ନିର୍ମାଣ କରି ହନୁମାନଙ୍କ ପଦଚିହ୍ନ ପୂଜା କଲେ । ସେବେଠାରୁ ଜାଖୁ ପର୍ବତରେ ହନୁମାନଙ୍କ ପାଦଚିହ୍ନ ପୂଜା କରାଯାଇ ଆସୁଛି ।

# ଛୁଇଁଲେ ଜୋରିମାନା

ହିମାଚଳ ପ୍ରଦେଶର କୁଲୁର ମାଲାଣ ଏପରି ଏକ ଗ୍ରାମ ଯେଉଁଠି ଆପଣ କୌଣସି ବସ୍ତୁକୁ ଛୁଇଁଲେ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । କୁହାଯାଉଛିଯେ, ୨୦୦ ବର୍ଷ ତଳର ବିଶ୍ୱର ପ୍ରଥମ ଲୋକତାନ୍ତ୍ରିକ ବ୍ୟବସ୍ଥା ଆଜି ବି ଏଠାରେ ପ୍ରଚଳିତ । ଏଠାରେ ଅଧିବାସୀମାନେ ନିଜକୁ ସିକନ୍ଦରଙ୍କ ସେନାର ବଂଶଧ ଭାବେ କହିବା ସହ ଏଠାରେ ଲୋକେ ନିଜ ଭାଷାରେ ଗ୍ରୀକ ଶବ୍ଦ ବ୍ୟବହାର କରିଥାନ୍ତି । ଏହି କାରଣରୁ ଏହା ଭାରତରେ ଥିଲେ ମଧ ଏଠାକାର ରୀତିନୀତି ସମ୍ପୂର୍ଣ୍ଣ ଅଲଗା । ଏହି ଗ୍ରାମରେ ପ୍ରତି ସ୍ଥାନରେ ବୋର୍ଡ ମାଧମରେ ଉଲ୍ଲେଖ କରାଯାଇଛିଯେ, ଗ୍ରାମର କୌଣସି ବସ୍ତୁକୁ ଛୁଅଁନ୍ତୁ ନାହିଁ । ଯଦି ଆପଣ ଛୁଇଁବେ ତେବେ ଆପଣଙ୍କଠାରୁ ୧ ହଜାରଟଙ୍କା ଜରିମାନା ଆଦାୟ ହେବ । ଗ୍ରାମରେ ସମ୍ରାଟ ଆକବରଙ୍କ ପୂଜା କରାଯାଇଥାଏ । ଗ୍ରାମର ଏହି ବିଚିତ୍ର ପରମ୍ପରା କାରଣରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଏହି ଗ୍ରାମକୁ ବୁଲି ଆସିଥାନ୍ତି ।




# ଅଧିକ ଶୋଇବା କ୍ଷତିକାରକ



ଶରୀର ସୁସ୍ଥ ରହିବା ପାଇଁ ଆବଶ୍ୟକୀୟ ପରିମାଣର ଶୋଇବା ନିହାତି ଆବଶ୍ୟକ । ହେଲେ ଆପଣ ଜାଣିଛନ୍ତି ଅଧିକ ଶୋଇବା ଆପଣଙ୍କୁ କ୍ଷତି ପହଞ୍ଚାଇପାରେ । ଏହି କ୍ଷତି ନିୟମିତ ମଦ ଓ ସିଗାରେଟ ପିଉତ୍‌ବା ବ୍ୟକ୍ତିଙ୍କଠାରୁ ଅଧିକ । ନିକଟରେ ସିଡନୀର ଗବେଷକମାନେ ଏହି ତଥ୍ୟ ଦେଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଯେଉଁ ଲୋକ ଅଧିକ ସମୟ ବସି ରୁହେ ତାହାର ମୃତ୍ୟୁର ସମ୍ଭାବନା ଚାରି ଗୁଣ ଅଧିକ । ଗତ କିଛି ବର୍ଷ ଧରି ଏହି ଗବେଷଣା କରାଯାଇଥିଲା ବେଳେ ଅଦ୍‌କ ବସି ରହିବା ଶରୀର ।ଇଁ କ୍ଷତିକାରକ ବୋଲି ପ୍ରମାଣ ମିଳିଛି । ସେହିପରି ଅଧିକ ଶୋଇବା ମଧ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇ ଥାଏ । ୪୫ ଜଣିଆ ଏହି ଗବେଷକ ପାଖାପାଖି ଅଢ଼େଇ ଲକ୍ଷଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଏହି ଗବେଷଣା କରିଥିଲେ । ଏଥିରେ ଲୋକଙ୍କ ଜୀବନଶୈଳୀ ବ୍ୟବହାରକୁ ଅଧିକ ଧ୍ୟାନ ଦିଆ ଯାଇଥିଲା । ରିପୋର୍ଟରେ କୁହାଯାଇଛିଯେ, ଯେଉଁ ଲୋକମାନେ ଖାଇବା ପାଇବା ଉପରେ ଗୁରୁତ୍ୱ ଦେଉ ନାହାନ୍ତି ସେମାନଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ସମ୍ଭାବନା ଅଧିକ ରହିଛି । ରାତିରେ ୯ ଘଣ୍ଟାରୁ ଅଧିକ ସମୟ ଧରି ଶୋଇବା ସିଗାରେଟ ଓ ମଦ୍ୟପାନଠାରୁ କ୍ଷତିକାରକ ।

## ପୁରୁଷଙ୍କ ଖର୍ଚ୍ଚ ବଢ଼ାଉଛି ସେଲ୍‌ଫୋନ୍

ଭାରତୀୟ ପୁରୁଷମାନେ ମୋବାଇଲ୍‌ରେ ସର୍ଫିଂ କରିବା ଆରମ୍ଭ କରିଛନ୍ତି ସେମାନେ ଆବଶ୍ୟକତାଠାରୁ ଅଧିକ ଅର୍ଥ ଖର୍ଚ୍ଚ କରୁଥିବା କଥା ନିକଟରେ ଏକ ସର୍ଭେରୁ ପ୍ରକାଶ ପାଇଛି । ସର୍ଭେରେ ଭାଗ ନେଇଥିବା ୪୭% ପୁରୁଷଙ୍କ କହିବା ଅନୁଯାୟୀ, ସେମାନେ ଯେବେଠାରୁ ଫୋନ୍‌ରେ ସର୍ଫିଂ କରିବା ଆରମ୍ଭ କରିଛନ୍ତି ତାଙ୍କର ଖର୍ଚ୍ଚ ବଢ଼ିଯାଇଛି । ଏହି ଅନ୍‌ଲାଇନ୍ ସର୍ଭେରେ ୨୫୦୦ରୁ ଅଧିକ ଭାରତୀୟ ପୁରୁଷ ଅଂଶଗ୍ରହଣ କରିଥିଲେ । ସର୍ଭେ ଲଣ୍ଡନସ୍ଥିତ ଆଇଏନ୍‌ଜି ଇଣ୍ଟରନ୍ୟାସନାଲ୍ କରିଥିଲା । ବିକାଶମୁଖୀ ରାଷ୍ଟ୍ରଗୁଡ଼ିକର ଗ୍ରାହକମାନଙ୍କର ବ୍ୟବହାର ସମ୍ପର୍କରେ ଜାଣିବା ପାଇଁ ଏହି ସର୍ଭେ କରାଯାଇଥିଲ।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଦ୍ରର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଘରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# ପୃଥିବୀ ଭଳି ଆଉ ଏକ ଗ୍ରହ

ବୈଜ୍ଞାନିକମାନେ ପୃଥିବୀ ଭଳି ଅନ୍ୟ ଏକ ଗ୍ରହ ଖୋଜି ପାଇବାରେ ସଫଳତା ପାଇବାରେ ଲାଭ କରିଛନ୍ତି । ଏହି ଗ୍ରହଟି ପୃଥିବୀ ସହ ବେଶ ମିଶୁଛି । ସେହି ଗ୍ରହର ନାମ ଦେଇଛନ୍ତି ବ୍ଲୁଫ ୧୦୬୧ ସି । ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଏହି ଗ୍ରହରେ ଜୀବଜଗତ ତିଷ୍ଠିବାର ସମ୍ଭାବନା ବେଶ ଅଧିକ ରହିଛି । ବ୍ରିଟେନର ଏକ ଖବରକାଗଜରେ ପ୍ରକାଶିତ ରିପୋର୍ଟ



ଅନୁସାରେ ବୈଜ୍ଞାନିକଙ୍କ ଦ୍ୱାରା ଖୋଜା ଯାଇଥିବା ଏହି ଗ୍ରହର ଆକାର ପୃଥିବୀ ଠାରୁ ଚାରିଗୁଣା ବଡ । ଏହା ଗୋଲ୍ଡି ଲୋକ୍ସ ଜୋନରେ ଥିବାରୁ ଏଠାରେ ଜୀବଜଗତ ତିଷ୍ଠିବା ସମ୍ଭବ ହେବ । ଏହି ଗ୍ରହରେ ନା ଅଧିକ ଗରମ ନା ଅଧିକ ଥଣ୍ଡା ପରିବେଶ ରହିଛି । ତେବେ ବୈଜ୍ଞାନିକମାନେ ବର୍ତ୍ତମାନସୁଦ୍ଧା ଏହି ଗ୍ରହ ଉପରେ ଗବେଷଣା ଚଳାଇଛନ୍ତି ।

# ୪୦ କୋଟି ଆୟ କରିଥିବା ଭାଲୁ



ଅର୍ଥ କମାଇବା ମାମଲାରେ ମଣିଷ ଆଗରେ ରହିଛି । କିନ୍ତୁ ପଶୁମାନେ ମଣିଷଠାରୁ ବି କେଉଁ ଗଉରରେ କମ ନୁହନ୍ତି । ସେମାନେ ମଧ ଅନେକ ଅର୍ଥ ଉପାର୍ଜନ କରି ପାରନ୍ତି ତାଙ୍କ କାର୍ଯ୍ୟକଳାପ ପ୍ରଦର୍ଶନ କରି । ଏମିତି ଏକ ଭାଲୁ ଅଛି ଯିଏ ୪୦ କୋଟି ଟଙ୍କା ଆୟ କରିଛି । ୱାର୍ଟ ଦ କୋଡିଅକ ନାମକ ଏହି ଭାଲୁ ପାଖାପାକ୍ ୪୦ କୋଟି ଟଙ୍କା କମାଇଥିଲା । ଏହି ଭାଲୁ ଆମେରିକାର । ଆମେରିକାର ଫିଲ୍ମ, ଟିଭି, ସିରିଏଲ ଏବଂ ବିଜ୍ଞାପନମାନଙ୍କରେ କାମ କରୁଥିଲା ଏହି ଭାଲୁ । ଚିଡିଆ ଘରେ ଜନ୍ମ ହୋଇଥିବା ଏହି ଭାଲୁକୁ ଡୋଉଗ ଏବଂ ଲେଅତ୍ର ସେଅସ ନାମକ ଦମ୍ପତି ଆପଣାଇ ନେଇ ଟ୍ରେଣ୍ଡ କରିଥିଲେ । ଏହି ଭାଲୁ ବହୁ ହଲିଉଡ କଳାକାରଙ୍କ ସହ କାର୍ଯ୍ୟ କରିଛି । କିନ୍ତୁ ଏବେ ତାର ମୃତ୍ୟୁ ହୋଇ ଯାଇଛି । ୨୩ ବର୍ଷରେ ସେ ଆର ପାରିକୁ ଚାଲି ଯାଇଛି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ପାଠ ପଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି...





'ପାଠ ପଢ଼ିବି; ମଧୁବାବୁ ସଂଗେ ଲଢ଼ିବି ।' ପିଲାଦିନେ ପଢ଼ିଥିବା ଏହି ବାକ୍ୟଟି ଏବେ ଏକ ଆପ୍ତବାକ୍ୟ ଯାହାକି ବିଜ୍ଞ, ଗୁଣୀ ଏବଂ ଜଣେ କର୍ମବୀର ଅର୍ଥରେ ବ୍ୟବହୃତ ହୁଏ। ମଧୁବାବୁ ହେଉଛନ୍ତି ଓଡ଼ିଶାର ପ୍ରଥମ ବି.ଏ ବା ସ୍ନାତକ । ପ୍ରଥମ ଏମ୍.ଏ ବା ସ୍ନାତକୋତର ଏବଂ ଓଡ଼ିଆ ଭାଷାଭାଷୀ ପ୍ରଥମ ବାରିଷ୍ଟର। ସେ ସଂକ୍ଷେପରେ ମଧୁବାବୁ ବା ମଧୁ ବାରିଷ୍ଟର ଭାବେ ଜଣାଶୁଣା। ପରବର୍ତୀ ପଦବୀ ଉତ୍କଳ ଗୌରବ କାରଣରୁ ଆମେ ତାଙ୍କୁ ସମ୍ବୋଧିତ କରୁ ଉତ୍କଳ ଗୌରବ ମଧୁସୂଦନ । ମଧୁବାବୁ ଠିକ୍ ପଢ଼ିଥିଲେ ଠିକ୍ ବୁଝିଥିଲେ ଏବଂ ସେହି ଅନୁସାରେ ନିଜକୁ ତୋଳି ପାରିଥିଲେ ଅଥଚ ଆମେ ଏବେ ତାଙ୍କଠୁ ଢ଼େର ଅଧିକ ପଢ଼ିଥିଲେ ବି ଆମେ ମଧୁବାବୁଙ୍କ ସମକକ୍ଷ ହୋଇପାରୁ ନାହୁଁ ଅର୍ଥାତ୍ ତାଙ୍କ ପରି ପଢ଼ିବା, ଲଢ଼ିବା ଏବଂ ଜୀବନ ସହିତ ଯୁଝିବାର ତାକତ ଓ ଆମର ନାହିଁ। ଏଣୁ ଯଥାର୍ଥରେ ଆମେ ତାଙ୍କ ଠୁ ଯେତେ ଅଧିକ ପଢ଼ିଲେ ବି, ତାଙ୍କ ପରି ଲଢ଼ିପାରିବୁ ନାହିଁ। ଆମର ସବୁରି ଶିକ୍ଷା ସତ୍ତ୍ୱେ ସେ ସୂର୍ଯ୍ୟ ହେଲେ ଆମେ ଡିବିରି ବତୀ ବା ଲଣ୍ଠନ ତୁଲ୍ୟ।

ମଧୁସୂଦନ ଦାସ ୧୮୪୮ ମସିହା ଏପ୍ରିଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମାତାଙ୍କ ନାମ ପାର୍ବତୀ ଦେବୀ। ତାଙ୍କର ବାଲ୍ୟଶିକ୍ଷା ଗାଁ ଚାଟଶାଳୀ, ମହାସିଙ୍ଗପୁରରେ ଭର୍ଣ୍ଣାକୁଲାର ଏବଂ କଟରେ ଏନ୍ଟ୍ରାନ୍ସ ପଢ଼ା ସରିଲା ମାତ୍ରେ ୧୬ ବର୍ଷରେ ୧୮୬୪ମସିହାରେ, ୧୮୭୦ରେ ସେ ବି.ଏ ୧୮୭୬ରେ ଏମ୍.ଏ ଓ ଏହାପରେ ଲ' କରିଥିଲେ। ସେ କିଛିଦିନ ବାଲେଶ୍ୱରରେ ଶିକ୍ଷକତା ମଧ୍ୟ କରିଥିଲେ। କଲିକତାରେ ପଢ଼ିଲା ବେଳେ ସେ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥିଲେ ଏବଂ ସୌଦାମିନୀ ନାମ୍ନୀ ଜଣେ ଖ୍ରୀଷ୍ଟିଆନ୍ ଯୁବତୀଙ୍କୁ ବିବାହ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ପିତା ତାଙ୍କୁ ତ୍ୟଜପୁତ୍ର କରିଥିଲେ। ଦୁଃଖ ଯେ, ସୌଦାମିନୀ ମଧ୍ୟ ତାଙ୍କର ସହଯାତ୍ରୀ ହୋଇ ବେଶୀଦିନ ରହିପାରିଲେ ନାହିଁ। ସେ ତାଙ୍କର ସ୍ମୃତିରେ ବଂଚିଲେ ଏବଂ ଦ୍ୱିତୀୟ ବିବାହ କଲେ ନାହିଁ। ଓକିଲାତି ପାସ୍ ପରେ ମଧୁବାବୁ ପ୍ରଥମେ କଲିକତା ଉଚ୍ଚନ୍ୟାୟାଳୟ ଏବଂ ପରେ ଆଲିପୁର ନ୍ୟାୟାଳୟରେ ଓକିଲାତି କଲେ। ସେତେବେଳେ କଲିକତାରେ ଥିଲେ ଏକମାତ୍ର ଓଡ଼ିଆ ଓକିଲ। ୧୮୮୧ରୁ ସେ କଟକରେ ଓକିଲାତି କଲେ। ଜଣେ ଓଡ଼ିଆ ଓକିଲ ହେତୁ ସେ ଖୁବ୍ ଶୀଘ୍ର ଓଡ଼ିଶାରେ ତାଙ୍କ ପରିଚିତି ସୃଷ୍ଟି କଲେ। ସେ ଗରିବ ଲୋକଙ୍କ ପାଇଁ ମାଗଣା ଲଢୁଥିଲେ ଏବଂ ଧନୀ ଓ ଜମିଦାରଙ୍କ ଅତ୍ୟାଚାରରୁ ମୁକ୍ତ କରାଉଥିଲେ। କଟକରୁ ତାଙ୍କ କାର୍ଯ୍ୟାବଳୀ ପାଇଁ ଲୋକେ ତାଙ୍କୁ ମଧୁ ବାରିଷ୍ଟର ରୂପେ ନାମିତ କଲେ।

ମଧୁବାବୁ ଖ୍ରୀଷ୍ଟିଆନ୍ ଥିଲେ ମଧ୍ୟ ଯେତେବେଳେ ଶ୍ରୀମନ୍ଦିର ଶାସନ ଇଂରେଜ ହାତକୁ ନେଲେ, ସେ ଲଢ଼ି ତାଙ୍କୁ ଏଥିରୁ ନିବୃତ କରାଇଲେ। ସେମିତି କେନ୍ଦୁଝରରେ ରାଜାଙ୍କୁ ତାଙ୍କ ରାଜଗାଦି ସରକାରଙ୍କ ହାତରୁ ଫେରାଇ ନେବାରେ ସାହାଯ୍ୟ କରିଥିଲେ। ତାଙ୍କ ଦ୍ୱାରା ୧୯୦୩ରେ ଆହୂତ ହୋଇଥିଲା ଉତ୍କଳ ସମ୍ମିଳନୀ। ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକାଠି କରିବା ଥିଲା ତାଙ୍କ ଉଦ୍ଦେଶ୍ୟ। ତାଙ୍କରି ପ୍ରଚେଷ୍ଟାରେ ସମ୍ବଲପୁର କର୍ଜନଙ୍କ ସମୟରେ ଓଡ଼ିଶାରେ ମିଶିଲା ଏବଂ ମଧ୍ୟପ୍ରଦେଶ, ବଙ୍ଗଳା ଓ ମାନ୍ଦ୍ରାଜ ଅଧୀନରେ ଥିବା ଓଡ଼ିଆ ଅଂଚଳକୁ ଓଡ଼ିଶାରେ ମିଶାଇବା ପାଇଁ ସୁପାରିଶ ହେଲା। ୧୯୧୭ରେ ମଂଟେଗୁ ଚେମସଫୋର୍ଡ଼ଙ୍କୁ ପ୍ରଭାବିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରସ୍ତାବ ରଖାଗଲା । ୧୯୩୧ରେ ଓଡ଼ନେଲ୍ କମିଟି ପାଖରେ ମଧ୍ୟ ଏ ପ୍ରସ୍ତାବର ପୁନରାବୃତି ହେଲା। ସେ ଯଥାକ୍ରମ ୧୯୧୩ ଓ ୧୯୧୮ରେ ଦୁଇଥର ଉତ୍କଳ ସମ୍ମିଳନୀର ସଭାପତି ଥିଲେ। ତାଙ୍କ ଓଜସ୍ୱିନୀ ଭାଷଣ ଓ ଜାତୀୟବାଦୀ କବିତା : ଉତ୍କଳ ସନ୍ତାନ, ସନ୍ତାନର ଉକ୍ତି, ଜାତି ଇତିହାସ ଏବଂ ଜନନୀର ଉକ୍ତି ଇତ୍ୟାଦି ଜନମାନସରେ ଓଡ଼ିଆ ପ୍ରୀତି ଜାଗ୍ରତ କରାଉଥିଲା।

୨୦ ଜାନୁୟାରୀ ୧୯୧୩ରେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ସେ ସଦସ୍ୟ ଥିଲେ ଏବଂ ସେହି ବର୍ଷ ଭାରତର ବିଧାନ ପରିଷଦର ସେ ପ୍ରଥମ ଓଡ଼ିଆ ଭାବେ ମନୋନୀତ ହେଲେ। ୧୯୨୧ ଏପ୍ରିଲ ୨୨ରେ ବିହାର ଓଡ଼ିଶା ସରକାରଙ୍କର ସ୍ୱାୟତ ଶାସନର ସେ ମନ୍ତ୍ରୀ ହେଲେ। ସେ ହିଁ ଘୋଷଣା କରିଥିଲେ ଯେ, ଯେହେତୁ ମନ୍ତ୍ରୀମାନେ ଜନସାଧାରଣଙ୍କ ପ୍ରତିନିଧି, ସେମାନେ ଦରମା ନେବା ଅନୁଚିତ। ଏକଥା ଅନ୍ୟମାନେ ଗ୍ରହଣ ନ କରିବାରୁ ସେ ମନ୍ତ୍ର ପଦରୁ ଇସ୍ତଫା ଦେଇଥିଲେ।

କୁହାଯାଏ ମଧୁବାବୁଙ୍କ ଜୀବନୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ। ଓଡ଼ିଶାର କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ସଂସ୍କୃତି ଇତ୍ୟାଦି ସବୁରି କ୍ଷେତ୍ରରେ ଥିଲେ ସିଏ। କଟକ ଯୋଡ଼ା କାରଖାନା 'ଉତ୍କଳ ଟ୍ୟାନୋରୀ' ଓ ସୁନାରୂପା ତାରକସୀ କମାମ। 'ଆଟ ଓୟାର'ର ସେ ଥିଲେ ପ୍ରତିଷ୍ଠାତା। ଏଥିପାଇଁ ସେ ବହୁ କ୍ଷତି ସହିଥିଲେ। ତାଙ୍କ ଜମି ଓ ଘର ବିକିଥିଲେ। ଓଡ଼ିଆମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ତାଙ୍କର ମୂଳମନ୍ତ୍ର ଥିଲା- 'ଆଲୋ ସଖି, ଆପଣା ମହତ ଆପେ ରଖି।' ଏପରି ଜଣେ ଯୋଗଜନ୍ମାଙ୍କର ମୃତ୍ୟୁ ହେଲା ୪ ଫେବୃୟାରୀ ୧୯୩୪ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଠିକ୍ ଦୁଇବର୍ଷ ପୂର୍ବରୁ। ଓଡ଼ିଶା ପାଇଁ ଯେତେ ଯିଏ କାନ୍ଦିଛନ୍ତି ତାଙ୍କଠୁ ଅଧିକ କେହି କାନ୍ଦି ନାହାନ୍ତି। ତାଙ୍କ ପରି କେହି ଜଣେ ନାହିଁ ଯେ, ତାଙ୍କ ସହିତ ସମକକ୍ଷ ହେବ। ସେ ଯଥାର୍ଥରେ ଏ ଜାତିର ଗର୍ବ ଓ ଗୌରବ ଏବଂ ଆମ ଉତ୍କଳ ଗୌରବ ମଧୁସୂଦନ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**

# କବ୍ ବୁଲ୍‌ବୁଲ୍‌ମାନଙ୍କର ଗ୍ରୀଷ୍ମକାଳୀନ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ତା୨୬।୪।୧୯ରିଖ ଠାରୁ ତା୩୦।୪।୧୯ରିଖ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟ ପରିସରରେ ଏକ ଗ୍ରୀଷ୍ମକାଳୀନ କବ୍ ବୁଲ୍‌ବୁଲ୍ ଉତ୍ସବ ଆୟୋଜିତ ହୋଇଅଛି। ରାଜ୍ୟର ୯ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରୁ ୪୧୫ ଜଣ କବ୍ ସ୍କାଉଟ, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କର ୟୁନିଟ୍ ଲିଡରମାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। ଅପରାହ୍ନ ୪.୩୦ ସମୟରେ ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଉକ୍ତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗ୍ରୀଷ୍ମକାଳୀନ ଉତ୍ସବରେ କବ୍ ବୁଲ୍‌ବୁଲ୍‌ମାନଙ୍କର ଉତ୍ସାହର ସହ ଯୋଗଦାନକୁ ଦେଖି ଡଃ ମିଶ୍ର ତାଙ୍କ ଉଦ୍‌ଘାଟନୀ ଭାଷଣରେ ସେମାନଙ୍କର ଉଚ୍ଚ ପ୍ରଶଂସା କରିବା ସହିତ ଏହି ଉତ୍ସବ ଭବିଷ୍ୟତରେ ସେମାନଙ୍କର ମାନସିକ ବିକାଶ ଦିଗରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ପିଲାମାନଙ୍କର ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ପ୍ରକାରର ଦୁଃସାହସିକ ଖେଳ ସହ, ରେନ୍ ଡ୍ୟାନ୍ସ, ମୁଖା ତିଆରି, ହସ୍ତକର୍ମ ଏବଂ ଗହଣା ତିଆରି ଶିକ୍ଷା, ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ, ମିନାବଜାର, କୌତୁକ ପୋଷାକ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ସମ୍ମାନୀତ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ରୀ ରାମମୂର୍ତ୍ତି ଦୋରା ଏବଂ ରାଜ୍ୟ କୋଷାଧକ୍ଷ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ମଧ ଅନୁରୂପ ଭାବେ କବ୍ ବୁଲ୍‌ବୁଲ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଉତ୍ସବର ସଫଳତା କାମନା କରିଥିଲେ। ଏହି ଉତ୍ସବର ଉଦ୍‌ଯାପନୀ ଉତ୍ସବ ୨୯ତାରିଖରେ ଉଦ୍‌ଯାପିତ ହେବ।

# ବିବେକାନନ୍ଦ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଖୋର୍ଦ୍ଧା (ପିଏନ୍): ଚକ୍ରଧରପୁର ବିବେକାନନ୍ଦ ବିଦ୍ୟାମନ୍ଦିରର ୧୦ମ ବାର୍ଷିକ ଉତ୍ସବ ପରିଚାଳନା ସମିତି ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲୁଗାଁ ବନଖଣ୍ଡ ଅଧିକାରୀ କେଦାର ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଆନନ୍ଦ ଚନ୍ଦ୍ର ଭୋଳ ମୁଖ୍ୟବକ୍ତା, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ଓ ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଡ. ଭୋଳ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କାଲାମଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଇଂ. ସନାତନ ମହାନ୍ତି ବାର୍ଷିକ ବିବରଣୀ, ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଓ ସସ୍ମିତା ବଡ଼ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଜୟନ୍ତୀ ମହାନ୍ତି, ନମିତା ପାତ୍ର, ଅନୀତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ କରିଚାଳନା କରିଥିଲେ । ୫୪୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କାଉଟ୍ ଶିକ୍ଷକ ଅରୁଣ ନାୟକଙ୍କ ନେତୃତ୍ୱରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ତୁମ ପରି ଛୋଟ ପିଲାଟିଏ...



କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି ।..ଆମ ପିଲେଙ୍କୁ ଏକଥା କହିଲେ ସେମାନେ ଏବେ ପଚାରୁଛନ୍ତି, ମଧୁବାବୁ କିଏ ?...ଆଜ୍ଞା ଆମ ପିଲେ ମଧୁବାବୁଙ୍କୁ ସିନା ଜାଣିପାରୁନାହାନ୍ତି, ବା ବା ବ୍ଲାକ୍‌ସିପ୍‌କୁ ବେଶ୍ ଜାଣୁଛନ୍ତି । ମାନେ ମଧୁବାବୁଙ୍କୁ ଚିହ୍ନିପାରୁ-ନାହାନ୍ତି, ହେଲେ ମେଣ୍ଢାକୁ ଚିହ୍ନୁଛନ୍ତି। ସେବର୍ଷ ଖୋର୍ଦ୍ଧା ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ପାଳନ ଉତ୍ସବରେ ଭାରି ଦୁଃଖରେ ଏକଥା କହିଥିଲେ ବର୍ଷୀୟାନ ଅଭିନେତା ବିନାୟକ ମିଶ୍ର। ଆମେ ସିନା ମଧୁବାବୁଙ୍କୁ ଚିହ୍ନିଥିଲୁ ପିଲାବେଳୁ, ଏବର ପିଲା କାହିଁକି ଚିହ୍ନିବେ ! ସେତେବେଳେ ଜେଜେ, ଜେଜେ ମା', ବାପା, ବୋଉ ଆଦି କହୁଥିଲେ, ଆରେ ଭଲ ପାଠ ପଢ, ଭଲ ପାଠ ପଢିଲେ, 'କାଳିଆ ଘୋଡ଼ାରେ ଚଢିବୁ, ମଧୁବାବୁ ସାଂଗେ ଲଢିବୁ' । ତା' ପରେ ପିଲା ପଚାରେ, ଏ ମଧୁବାବୁ କିଏ ? ଘର ଲୋକେ ବୁଝଉଥିଲେ ମଧୁ ବାରିଷ୍ଟର। ନାମଜାଦା ଲୋକ। ସିଏ ହେଉଛନ୍ତି ଆମ ରାଜ୍ୟର ପ୍ରଥମ ଗ୍ରାଜୁଏଟ୍, ପୁଣି ପ୍ରଥମ ଓକିଲ। ସିଏ ଉତ୍କଳ ସମ୍ମିଳନୀ ସ୍ଥାପନା କରି ଓଡ଼ିଆମାନଂକ ଅସ୍ମିତା ଓ ସ୍ୱାଭିମାନ ପାଇଁ ଲଢିଥିଲେ। ଦେଶ ଓ ଜାତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଦେଶ ବିଦେଶରେ ଓଡ଼ିଆମାନଂକର ଟେକ ରଖିଥିଲେ ମଧୁବାବୁ। ରାଜନେତା, ସମାଜ ସଂସ୍କାରକ, ଆଇନଜୀବୀ, ଲେଖକ, ସାମ୍ବାଦିକ, ଶିଳ୍ପପତି ଆଦି ବିଭିନ୍ନ ଭୂମିକାରେ ତାଂକର ବିଶାଳ ପରିଚୟ। ତେଣୁ ତାଂକ ସମ୍ବନ୍ଧରେ 'କାଳିଆଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି' ଲୋକ ଉକ୍ତି ବେଶ୍ ପ୍ରଚଳିତ ଥିଲା। ପାଠକବଂଧୁ, ସେତେବେଳେ ତୃତୀୟ ଶ୍ରେଣୀ ସାହିତ୍ୟ ବହିରେ ଥିଲା ଗୋଟିଏ ଗୀତ 'ତୁମ ପରି ଛୋଟ ପିଲାଟିଏ': ତୁମ ପରି ଛୋଟ ପିଲାଟିଏ, ଗାଁଆ ଚାହାଳିର ଚାଟ ସିଏ//ଚେହେରାଟି ତାର ଡଉଲ ଡାଉଲ, ବୁଦ୍ଧିରେ ତା'ର ସରି କିଏ ! କହିବାକୁ ଗଲେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଉପରେ ଲେଖାହେଇଥିବା ଏଇ କବିତାଟି ଥିଲା ଏକ ଲୋକପ୍ରିୟ କବିତା। ସମସ୍ତଙ୍କୁ ଛୁଇଁଯାଇଥିଲା। କେବଳ ଶ୍ରେଣୀଗୃହରେ ଶିକ୍ଷକ ପଢାଇବା ଭିତରେ ଏହା ସୀମାବଦ୍ଧ ନ ଥିଲା, ଘରେ ଅଭିଭାବକମାନେ ପିଲାଙ୍କୁ କଥା ଛଳରେ ଏହା ଗାଇ ଶୁଣଉଥିଲେ। ଏହାକୁ ଲେଖିଥିଲେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ଡ. ଜଗନ୍ନାଥ ମହାନ୍ତି। ତେବେ ସେତେବେଳେ ପାଠ୍ୟ ପୁସ୍ତକରେ ସ୍ଥାନିତ ହେଉଥିବା ଲେଖାଗୁଡ଼ିକର ସ୍ରଷ୍ଟାମାନଙ୍କର ନାଁ ଦିଆଯାଉନଥିଲା, ଯାହା ଫଳରେ ସେମାନଙ୍କୁ ଜାଣିବା ସଂଭବ ହେଉନଥିଲା। କେବଳ ସାହିତ୍ୟ ସହ ସଂପର୍କ ଥିବା କିଛି ଲୋକ ଏହା ଜାଣୁଥିଲେ। ତେବେ ସେମାନଙ୍କ ମୃତ୍ୟୁ ପରେ ଗଣମାଧ୍ୟମ ଦ୍ୱାରା କିମ୍ବା ସ୍ମୃତିସଭା ଦ୍ୱାରା ଏ ବିଷୟ ଲୋକଲୋଚନକୁ ଆସୁଥିଲା। ମଧୁବାବୁଙ୍କ ଜୟନ୍ତୀ ଅବସରରେ ମଧୁବାବୁଙ୍କୁ ସ୍ମରଣ କରିବା ସହ ତାଂକୁ ନୂଆପିଢି ସହ ପରିଚିତ କରାଇଥିବା ସ୍ରଷ୍ଟା ସ୍ୱର୍ଗତ ଜଗନ୍ନାଥ ମହାନ୍ତି ବି ବେଶ୍ ସ୍ମରଣୀୟ। ଦୁର୍ଭାଗ୍ୟର କଥା, ତାଂକ ମୃତ୍ୟୁ ପରେ ହିଁ ଅନେକ ଜାଣିଲେ ଯେ, 'ତୁମ ପରି ଛୋଟ ପିଲାଟିଏ' କବିତାର ରଚୟିତା କିଏ। ୨୦୧୧ ମସିହା ମାର୍ଚ୍ଚ ୧୩ ତାରିଖରେ ଡ. ଜଗନ୍ନାଥ ମହାନ୍ତିଙ୍କର ପରଲୋକ ଘଟିଥିଲା। ୧୯୩୭ ମସିହା ଜାନୁଆରୀ ୭ ତାରିଖରେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ଜଙ୍ଗଲବୋରୀ ଗାଁରେ ଜନ୍ମନେଇଥିଲେ ସେ। ବାଣପୁର ବ୍ଲକରେ ବିଦ୍ୟାଳୟ ଅନୁନିରୀକ୍ଷକ ଭାବରେ ତାଂକର ଚାକିରୀ ଆରମ୍ଭ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଏକାଡେମୀ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ, ସମ୍ବଲପୁର ସ୍ଥିତ ଡ. ପର୍ଶୁରାମ ମିଶ୍ର ଓ କଟକ ସ୍ଥିତ ରାଧାନାଥ ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ ପ୍ରଫେସର ଓ ଅଧ୍ୟକ୍ଷ ଭାବରେ ଡ. ମହାନ୍ତି କାର୍ଯ୍ୟକରି ଅବସର ନେଇଥିଲେ। ତେବେ ପ୍ରବୃତି ଥିଲା ଶିଶୁସାହିତ୍ୟ। ପିଲାଙ୍କ ପାଇଁ ଉପାଦେୟ ଲେଖା ପ୍ରସ୍ତୁତ କରିବା ସହ ଶିଶୁ ମନସ୍ତତ୍ତ୍ୱକୁ ବୁଝିବାରେ ସେ ଥିଲେ ଜଣେ ଧୁରୀଣ ସ୍ରଷ୍ଟା। ସେ କହୁଥିଲେ, ଶିଶୁମାନେ ହିଁ ଏ ଦେଶର ଭବିଷ୍ୟତ-ସେମାନେ ଯଦି ଠିକ୍ ରୂପେ ଗଢିହେବେ ତେବେ ଦେଶର ବିକାଶ ସହ ଜଣେ ଜଣେ ଭଲ ମଣିଷ ହୋଇପାରିବେ। ଡ. ମହାନ୍ତିଙ୍କ ଲେଖାଗୁଡ଼ିକ ସେଇସବୁ କଥା ହିଁ କହୁଥିଲା। 'ତୁମ ପରି ଛୋଟ ପିଲାଟିଏ' ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। କେମିତି ଲେଖିଲେ ତାହା ପିଲାମାନଙ୍କ ମନକୁ ଛୁଇଁବ, ସେମାନଙ୍କ ପାଇଁ ତାହା ପ୍ରଭାବଶାଳୀ ହେବ, ସେ ନେଇ ଡ. ମହାନ୍ତି ରୀତିମତ ଗବେଷଣା କରୁଥିଲେ। ସେକାଳ ପଖାଳ ଆଉ ନାହିଁ। ଆମ ପିଲେ ମଧୁବାବୁଙ୍କୁ ଆଉ ଚିହ୍ନୁନାହାନ୍ତି। ଇଂଲିଶ ଶଦ୍ଦରୁ ଓଡ଼ିଆକୁ ଚିହ୍ନୁଛନ୍ତି। ଆପଲ୍ ମାନେ ସେଓ ବୋଲି କହୁଛନ୍ତି। ସ୍ୱାଭିମାନୀ ଓଡ଼ିଆଂକ ସଂଖ୍ୟା ବି କମି କମିଯାଉଚି ଦିନକୁ ଦିନ। ଟିକେ ଭାବନ୍ତୁ ତ, ଆମେ ଓଡ଼ିଆମାନେ ମଧୁବାବୁଙ୍କ ଭଳି ସ୍ୱାଭିମାନୀ ହୋଇ ନିଜ ଭାଷା, ସାହିତ୍ୟ, ସଂସ୍କୃତିକୁ ଯଦି ଭଲ ପାଆନ୍ତେ, କେତେ କଥା ହୁଅନ୍ତାନ୍ତି !

**ତୁମ ପରି ଛୋଟ ପିଲାଟିଏ**

**ରଚୟିତା: ଡ. ଜଗନ୍ନାଥ ମହାନ୍ତି**

ତୁମ ପରି ଛୋଟ ପିଲାଟିଏ,
ଗାଁଆ ଚାହାଳିର ଚାଟ ସିଏ,
ଚେହେରାଟି ତାର ଡଉଲ ଡାଉଲ
ବୁଦ୍ଧିରେ ତା'ର ସରି କିଏ !
ଛାଡ଼ିଯାଇଥିଲା ଦିନେ ଝଡ଼ି,
ବାହାରିଲା ସିଏ ପାଠ ପଡି,
ବାଟେ ଯାଉ ଯାଉ ଖସିଗଲା ଗୋଡ଼
ମୁହଁ ମାଡ଼ି ତଳେ ଗଲା ପଡ଼ି।
ଗୁରୁଜୀ ଦେଖିଲେ ଦେହ ତାର
ପାଣି କାଦୁଅରେ ସରସର,
ତିଳେହେଁ ସେଥିକି ଖାତିର ନ କରି
ଆସିଅଛି ହୋଇ ତରବର।
ପଚାରିଲେ ଗୁରୁ "ଏ କି ହେଲା ?
ଏତେ ସରି ତୋତେ କିଏ କଲା ?"
ପିଲାଟି କହିଲା, "ବେଗେ ଆସୁ
ଆସୁ କାଦୁଅରେ ଗୋଡ଼ ଖସିଗଲା।"
ହେଲା ଦଶହରା ଛୁଟି ବେଳ,
ସାଥୀ ପିଲା ଡାକି କଲା ମେଳ;
ବାଲି, ଗୋଡ଼ି, ମାଟି ପକାଇ ସଭିଏଁ
ଗାଆଁ ବାଟ କଲେ ସମତୁଲ।
ଏହା ଦେଖି ଲୋକେ ହେଲେ କାବା;
ଡକାଇଲେ ଗୁରୁ ଚାଟସଭା,
କହିଲେ, "ଏଭଳି ଭଲ କାମ
କଲେ ଦୁନିଆରେ ଦିନେ ବଡ଼
ହେବା।" ବଡ଼ ହେଲା ଦିନେ ସେହି
ପିଲା, 'ମଧୁ ବାରିଷ୍ଟର ବୋଲାଇଲା;
ଦେଶ ପାଇଁ କେତେ କାମ କରି
ସିଏ କାଳକାଳ ଯଶ ରଖିଗଲା।
କହିଲା ଜାତିର କାନେ କାନେ-
"ଉଠିବୁ ଆଉ ତୁ କେତେ ଦିନେ ?
ପୂରୁବ ଗୌରବ ପୂରୁବ ମହିମା
ପଡୁ ନାହିଁ କିରେ ତୋର ମନେ ?"
ତେଜଭରା ତାର ବୀରବାଣୀ,
ନବ ଜାଗରଣ ଦେଲା ଆଣି;
ନୂଆ ଜୀବନର ଆଲୋକ ଦେଖାଇ
କୋଟି ଜନ-ମନ ନେଲା ଟାଣି।

**ସମରେନ୍ଦ୍ର ବଳିଆରସିଂହ, ବିଶ୍ୱାତ୍ମା, ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା-୭୫୨୦୫୫**

# ସୃଜନର ନୃତ୍ୟ ସମ୍ଭାର





ଆଜି ବିଶ୍ୱ ନୃତ୍ୟ ଦିବସ। ସୃଜନଶୀଳତାର ଭିନ୍ନ ରୂପାନ୍ତର ନୃତ୍ୟ ହେଉଛି ସମଗ୍ର ମଣିଷ ସମାଜ ପ୍ରତି ଭଗବାନଙ୍କ ଶ୍ରେଷ୍ଠ ବରଦାନ। ସୃଜନଶୀଳତାର ଭିନ୍ନ ଏହି ଅନବଦ୍ୟ ଶ୍ରେଷ୍ଠ କଳାକୁ ସମ୍ମାନ ଦେବା ସହ ଲୋକଲୋଚନର ଉହାଡ଼ରେ ହଜି ଯାଉଥିବା ବିଭିନ୍ନ ନୃତ୍ୟକଳାର ପ୍ରଚାର ଓ ପ୍ରସାର ପାଇଁ ଦାୟିତ୍ୱ ଅଙ୍ଗୀକାରବଦ୍ଧତାର ପବିତ୍ର ଦିନ ଆଜି। ଭାରତର ପୁରାଣ ଓ ଶାସ୍ତ୍ରରେ ନୃତ୍ୟର ବିଭିନ୍ନ ସମ୍ଭାର ସମ୍ପର୍କରେ ଉଲ୍ଲେଖ ରହିଛି। ନର୍ତ୍ତକୀମାନେ ଭଗବାନଙ୍କ ପାଖରେ ବା ବୈକୁଣ୍ଠରେ ବିଭିନ୍ନ ନୃତ୍ୟ ବିଭବ ପ୍ରଦର୍ଶନ କରି ଭଗବାନଙ୍କ ଗୁଣଗାନ କରିବା ସହିତ ତାଙ୍କର ଦିବ୍ୟାଶୀର୍ବାଦ ପାଇଥାନ୍ତି ବୋଲି ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଛି। ନୃତ୍ୟ ସଂଗୀତ ହେଉଛି ଭାରତର ଆର୍ଯ୍ୟ ସନାତନ ସଂସ୍କୃତି ସହିତ ଜଡ଼ିତ ଏକ ପବିତ୍ର ପରମ୍ପରା। ପରବର୍ତ୍ତୀ ସମୟରେ ଭାରତର ସାମାଜିକ ଜନଜୀବନରେ ନୃତ୍ୟ ପ୍ରତି ସମସ୍ତଙ୍କର ଆକର୍ଷଣ ବଢ଼ିଛି। ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତେ ଆଜି ବିଭିନ୍ନ ନୃତ୍ୟ ନିପୁଣତା ଭିତରେ ପ୍ରଦର୍ଶନର ଶ୍ରେଷ୍ଠତାକୁ ବଜାୟ ରଖି ଭାରତୀୟ ସଂସ୍କୃତିର ପୂଜନ କରୁଛନ୍ତି। ନୃତ୍ୟ ହେଉଛି ଏପରି ଏକ କଳା ଯେଉଁଥିରେ ଏକ ପ୍ରକାର ଶାରୀରିକ ବ୍ୟାୟାମ ରହିଥାଏ ଯାହାକି ସ୍ୱାସ୍ଥ୍ୟପ୍ରଦ ବୋଲି ଚିକିତ୍ସକମାନେ ମତ ଦେଇଥାଆନ୍ତି। ଏପରିକି ଭାରତର ବିଭିନ୍ନ ସ୍ଥାନ ରହିଛି ଯେଉଁଠି ନୃତ୍ୟ ଚିକିତ୍ସା ହେଉଛି ଏକ ପରମ୍ପରାଗତ ବର୍ଷ ବର୍ଷର ଚିକିତ୍ସାର ପ୍ରଣାଳୀ। ଚରକ ସଂଗୀତରେ ଏ ନେଇ ସବିଶେଷ ତଥ୍ୟ ରହିଛି। ନୃତ୍ୟ ପ୍ରସଙ୍ଗରେ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତିର ଚିତ୍ର ଭାସି ଆସୁଛି। ମହାପ୍ରଭୁଙ୍କ ରାତ୍ରି ବିଶ୍ରାମ ପୂର୍ବରୁ ପୁରାଣ ବର୍ଷରୁ ପ୍ରଚଳିତ ପ୍ରଥା ଓ ସଂସ୍କୃତି ଅନୁଯାୟୀ ଦେବଦାସୀଙ୍କ ନୃତ୍ୟର ପ୍ରଦର୍ଶନ ପରେ ମହାପ୍ରଭୁ ପହଡ଼କୁ ଯାଇଥାନ୍ତି। ମହାନ୍ ଜଗନ୍ନାଥ ସଂସ୍କୃତିରେ ଭକ୍ତର ବନ୍ଧୁ କାଳିଆ ସାଆନ୍ତ ନୃତ୍ୟକୁ ତାଙ୍କର ଭକ୍ତର ନୈବେଦ୍ୟ ଭାବେ ଗ୍ରହଣ କରି କୃପା ବର୍ଷଣ କରିଥାନ୍ତି। ଓଡ଼ିଶାର ସଂସ୍କୃତିରେ ଜଗନ୍ନାଥଙ୍କୁ ଛାଡ଼ିଦେଲେ ଆଉ ଯେଉଁ ପରିଚୟ ସମଗ୍ର ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇଥାଏ ତାହାହେଉଛି ଓଡ଼ିଶୀ ନୃତ୍ୟ। ଏହ ନୃତ୍ୟ ଆଜି ସମଗ୍ର ବିଶ୍ୱର କୋଣଅନୁକୋଣରେ ପହଞ୍ଚି ଓଡ଼ିଶାର ପ୍ରାଚୀନ ସଂସ୍କୃତି ଓ ଗୌରବର ଗାଥାକୁ ଶୀର୍ଷସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଛି। ଗୁରୁକେଳୁଚରଣଙ୍କ ଠାରୁ କୁମ୍ କୁମ୍ ମହାନ୍ତି ଏହି ନୃତ୍ୟର ଅନ୍ୟତମ ଶ୍ରେଷ୍ଠ ବିନ୍ଧାଣୀ ଭାବେ ପରିଚିତ। ସବୁଠାରୁ ବଡ଼ ଖୁସିର କଥା ନୃତ୍ୟ ପ୍ରତି ଆଜି ସମାଜର ପ୍ରତିଷ୍ଠିତ ମହିଳାଙ୍କର ରୁଚି ଓ ଆଗ୍ରହ ରହିଛି। ମହିଳା ରାଜନେତାଙ୍କଠାରୁ ଚିକିତ୍ସକ, ପ୍ରଶାସକଙ୍କଠାରୁ ବୈଜ୍ଞାନିକ, ଏପରିକି କ୍ରୀଡ଼ାବିତ୍‌ଙ୍କଠାରୁ ଲେଖିକା, ସାମ୍ବାଦିକ ଓ ବିଭିନ୍ନ ବୃତ୍ତିର ମହିଳା ଓ ଝିଅମାନେ ଆଜି ଏହି ମହନୀୟ ନୃତ୍ୟକୁ ନିଜର ଅନ୍ୟତମ ନିଶା ଭାବେ ଗ୍ରହଣ କରି ନୃତ୍ୟ କଳାର ପରମ୍ପରାକୁ ବଜାୟ ରଖିଛନ୍ତି। କିଛିଦିନ ତଳେ ଓଡ଼ିଶାର ବରିଷ୍ଠ ପ୍ରଶାସିକା ଉଷାପାଢ଼ୀଙ୍କ ଏକ ନୃତ୍ୟ କଟକରେ ଦେଖିବାକୁ ପାଇଥିଲୁ। ପ୍ରଶାସନର ଗୁରୁଦାୟିତ୍ୱ ଭିତରେ ଥାଇ ବି ତାଙ୍କ ନୃତ୍ୟ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା ଏହା ହିଁ ହେଉଛି ଯଥାର୍ଥରେ ନୃତ୍ୟ କଳା ପ୍ରତି ଆମ ମହିଳା ସମାଜର ଶ୍ରେଷ୍ଠ ସମ୍ମାନ। ନୃତ୍ୟକଳାକୁ ବି ପେଷା କରି ଅନେକ ବ୍ୟକ୍ତିବିଶେଷ, ମହିଳା ଓ ଅନୁଷ୍ଠାନମାନେ ଏହି ବୃତ୍ତିକୁ ବଞ୍ଚାଇ ରଖିବା ସହିତ କଳାର ସମ୍ମାନ ଆଉ ଏହା ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ଅନେକ ପରିବାରର ପ୍ରତିପୋଷଣ ହୋଇଥାଏ। ଭାରତର ବା ଓଡ଼ିଶାର ସମସ୍ତ ଚଳଚ୍ଚିତ୍ରରେ ନୃତ୍ୟର ସ୍ୱତନ୍ତ୍ର ସ୍ଥାନ ରହିଥାଏ। କେବଳ ସେତିକି ନୁହେଁ ବିଭିନ୍ନ ସାମାଜିକ ଓ ଆଧାତ୍ମିକ ଅନୁଷ୍ଠାନର କାର୍ଯ୍ୟକ୍ରମରେ ନୃତ୍ୟ କଳା ପାଇଁ ସ୍ୱତନ୍ତ୍ର ସମୟ ରହିଥାଏ। ଏଥିସହିତ ଓଡ଼ିଶାର ସବୁଠି ବିଭିନ୍ନ ପ୍ରାଚୀନତମ ନୃତ୍ୟ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପାର୍ବଣ ଭିତରେ ଦେଖାଯାଇଥାଏ। ଏପରିକି ବିଭିନ୍ନ ନୃତ୍ୟ ରହିଛି କାଳର କରାଳ ସ୍ରୋତରେ ହଜିବାକୁ ବସିଥିବା ବେଳେ ତଥାପି କିଛି ନୃତ୍ୟ-ବିଶାରଦଙ୍କ ପରିଚାଳନାରେ ଯୁବ ପିଢ଼ୀମାନେ ଏହି ବର୍ଷ ବର୍ଷର ପରମ୍ପରାକୁ ହଜାଇବାକୁ ଦେଇନାହାଁନ୍ତି। ରାଜ୍ୟ ସରକାର ମଧ ଓଡ଼ିଶାର ବିଭିନ୍ନ ଲୁପ୍ତପ୍ରାୟ ନୃତ୍ୟ କଳାକୁ ପୃଷ୍ଠପୋଷକତା କରି ଏହାକୁ ବିଲୁପ୍ତାଭିମୁଖୀ ନକରିବା ପାଇଁ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ପୃଷ୍ଠପୋଷକତା କରୁଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ ବର୍ଷର ନିର୍ଦ୍ଦିଷ୍ଟ ଦିନରେ ନୃତ୍ୟକଳାର ଶ୍ରେଷ୍ଠ କଳାକାରମାନଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ଓ ସମ୍ବର୍ଦ୍ଧନା ସହିତ ବିଭିନ୍ନ ଦୁସ୍ଥ ନୃତ୍ୟଶିଳ୍ପୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଏହାସହିତ ଏହି କଳାକାରମାନଙ୍କ ପାଇଁ ପେନ୍‌ସନର ବ୍ୟବସ୍ଥା ବି ରହିଛି। ତଥାପି ଆମ୍ଭମାନଙ୍କ ହାତ ପହାନ୍ତା ଭିତରେ ବହୁତ ପ୍ରତିଭାସମ୍ପନ୍ନ ନୃତ୍ୟର ପୂଜାରୀ ରହିଛନ୍ତି ଯେଉଁମାନେ ଏହି ସଂସ୍କୃତିକୁ କଷ୍ଟେମଷ୍ଟେ ବଞ୍ଚାଇ ରଖିବାକୁ ଚାହୁଁଥିଲେ ବି ବଣମଲ୍ଲୀ ପରି ସେମାନଙ୍କ ପ୍ରତିଭା ବଣ ଭିତରେ ହଜିଯିବାକୁ ବସିଥାଏ। ଏ ସମ୍ପର୍କରେ ଗଣମାଧମରେ ହିଁ ସର୍ବପ୍ରଥମେ ଖବରଟି ଲୋକଲୋଚନକୁ ଆସିବା ପରେ ସରକାର ବା ଜନସାଧାରଣ ନିଜ ଦାୟିତ୍ୱ ପ୍ରତି ସଚେତନ ହୋଇଥାନ୍ତି। ସରକାରୀସ୍ତରରେ ଓ ବେସରକାରୀସ୍ତରରେ ବିଭିନ୍ନ ନୃତ୍ୟ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି। କିନ୍ତୁ ଗୋଟିଏ କଥା ଏଠି ଉଜ୍ଜୀବିତ ହେଉଛି ଯେ, ଉତ୍କୃଷ୍ଟ କଳାର କ୍ଷେତ୍ର ଉତ୍କଳରେ ନୃତ୍ୟକୁ ପୋଷା ବା ଗୁଜୁରାଣ କରି ଜଣେ ନିଜ ପରିବାର ପ୍ରତିପୋଷଣ କରିବାକୁ କେତେ ଦୂର ବା ସମର୍ଥ ହୋଇପାରିବ ? ଆଜି ବିଶ୍ୱ ନୃତ୍ୟ ଦିବସ ଅବସରରେ ନୃତ୍ୟ କଳାକୁ ସମ୍ମାନ ଦେବା ସହ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ଯାହାକି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ତାହାର ପୁନରୁଦ୍ଧାର କରିବା ପାଇଁ ସମସ୍ତଙ୍କର ସହଯୋଗର ହାତ ରହିବା ଜରୁରୀ। ଏହାସହିତ ଆମ୍ଭମାନଙ୍କର ହାତପାଆନ୍ତାରେ ଯେଉଁ ପ୍ରତିଭାସମ୍ପନ୍ନ ନୃତ୍ୟକଳାର ପୂଜାରୀ ରହିଛନ୍ତି ସେମାନଙ୍କ ନୃତ୍ୟର ପ୍ରତିଭାର ବିଭବକୁ ସମାଜର ଆଇନାରେ ପ୍ରଦର୍ଶନ କରି ଲୋକଲୋଚନକୁ ଆଣିବାର ଦାୟିତ୍ୱ ବି ଆମ ସମସ୍ତଙ୍କର। ବିଶ୍ୱନୃତ୍ୟ ଦିବସ ଅବସରରେ ଏହି ଚିନ୍ତନଟି ସମସ୍ତଙ୍କୁ ଅନୁପ୍ରାଣିତ କରୁ ଏହା ହିଁ କାମନା।

**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

# ସପ୍ତାହକ ମଧରେ ବିପର୍ଯ୍ୟସ୍ତ ୧୪୩ ନମ୍ବର ଜାତୀୟ ରାଜପଥ ମରାମତି ନହେଲେ ଆନ୍ଦୋଳନ: ଶ୍ରୀ ତିର୍କୀ

ରାଉରକେଲା, (ପିଏନ) : ବିପର୍ଯ୍ୟସ୍ତ ଜାତୀୟ ରାଜପଥର ତୁରନ୍ତ ମରାମତି ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଆସନ୍ତା ୭ ଦିନ ମଧରେ ଏହି ରାଜପଥର ମରାମତି କାର୍ଯ୍ୟ କରାନଗଲେ କଂଗ୍ରେସ ରାସ୍ତାରୋକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ଏହି ମର୍ମରେ ଆଜି ତା-୯.୯.୧୯ରିଖରେ ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକ ର୍ତାମାନେ ଏକଜୁଟ୍ ହୋଇ ୧୪୩ ନମ୍ବର ଜାତୀୟ ରାଜପଥ ନିର୍ମାଣ ପାଇଁ କୋଏଲନଗର ଠାରେ ଖୋଲିଥିବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉକ୍ତ ରାସ୍ତାର ତୁରନ୍ତ ମରାମତି ଦାବିରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସମ୍ପ୍ରତି ଏହି ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବା ବେଳେ ବ ର୍ତମାନ ପୂର୍ବରୁ ଥିବା ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ବୀରମିତ୍ରପୁରରୁ ରଜାମୁଣ୍ଡା ପର୍ଯ୍ୟନ୍ତ ଏହି ରାଜପଥ ଖାଲଖମାରେ ଭ ର୍ତି ହୋଇଥିବା ବେଳେ ଗାଡିମଟର ଚଳାଚଳରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଏହି ରାଜପଥରେ ସୃଷ୍ଟି ହୋଇଥିବା ବଡ ବଡ ଗ ର୍ତ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଜାତୀୟ ରାଜପଥ ପ୍ରାଧିକରଣ କ ର୍ତୃପକ୍ଷ ଉକ୍ତ ୧୪୩ ନମ୍ବର ଜାତୀୟ ରାଜପଥକୁ ଗତ ପ୍ରାୟେ ବର୍ଷେ ହେବ ଜାତୀୟ ରାଜପଥ ଡିଭିଜନ କ ର୍ତୃପକ୍ଷଙ୍କ ଠାରୁ ପରାମର୍ଶ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ ହେଁ ଏହାର ସର୍ବନିମ୍ନ ପରାମର୍ଶ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିନାହାନ୍ତି । ଯେଉଁଥି ପାଇଁ ଆଜି ଏହି ରାଜପଥ ଯାତାୟତ ପାଇଁ ଅନୁପଯୋଗୀ ହୋଇପଡିଛି । କଂଗ୍ରେସ ନେତୃବୃନ୍ଦ ଯଦି ଏହି ପରାମର୍ଶ କାର୍ଯ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ କ ର୍ତୃପକ୍ଷ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସମ୍ପୃକ୍ତ କ ର୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାଇ ଦେଇଛନ୍ତି । ଉକ୍ତ ସ୍ମାରକପତ୍ରର ନକଲ ମଧ ସୁନ୍ଦରଗଡ ଜିଲ୍ଲାପାଳ, ରାଉରକେଲା ଏସ୍‌ପି ଏବଂ ଅତିରିକ୍ତ ଜିଲ୍ଲାପାଳ ରାଉରକେଲାଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜ୍ଞାପନ କରାଯାଇଛି । ଏହି ଅବସରରେ ୧୪୩ ନମ୍ବର ଜାତୀୟ ରାଜପଥର ମରାମତି କାର୍ଯ୍ୟନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କଂଗ୍ରେସ ନେତୃବୃନ୍ଦଙ୍କୁ ପ୍ରିତଶ୍ରୁତି ଦେଇଛନ୍ତି । ଶ୍ରୀ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ଜ୍ୟୋତି ଡୁଙ୍ଗଡୁଙ୍ଗ, ଯୁବ କଂଗ୍ରେସ ଉପସଭାପତି କୀ ର୍ତନ ଦାସ, ସାଧାରଣ ସମ୍ପାଦକ ଇନ୍ଦ୍ରମୋହନ ପଣ୍ଡା, ଚି ରଞ୍ଜନ ମହାନ୍ତି, ନିହାର ରଞ୍ଜନ ଦାସ, ସେବାଦଳ ସଙ୍ଗଠକ ବିନୋଦ ରାଉତ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ବରିଷ୍ଠ ନେତା ଉମେଶ ଶରଣ, ଇଂ.ରାମପୁକାର ସିଂ, ବି.ଏନ୍. ମହାନ୍ତି, ପ୍ରତାପ ବେହେରା, ସରୋଜ ମହାନ୍ତି, ରତିକାନ୍ତ ମଲ୍ଲିକ, ଜ୍ଞାନେନ୍ଦ୍ର ଦାସ, ଅନୁପ ସାହୁ, ରବୀନ୍ଦ୍ର ନାୟକ, ଦିଲ୍ଲୀପ ଲାହିରି, ପ୍ରଦୀପ୍ତ ମହାପାତ୍ର, ଅସଲମ ପରଭେଜ୍, ଏମ୍‌ଡି ମୀରାଜ, ଯୁବନେତା ବିଶ୍ୱରଞ୍ଜନ ରାଉତ, ଶ୍ୟାମ ସାଗର, ସଂଗ୍ରାମ ବେହେରା, ସଦ୍ଦାମ ଅହମ୍ମଦ, ଶୁକଦେବ ବଡାଇକ, ନାରୀନେତ୍ରୀ ଅମ୍ବିକା ଟପ୍ପୋ, ସରିତା ଟପ୍ପୋ, ମାରିୟନ ଲୁଗୁନ, ଧାରାମଣି ମୁଣ୍ଡାରୀ, ସୁନୀତା ଲାକ୍ରା, ଆଶ୍ରିତା ଲାକ୍ରା, ରାସମଣି ମୁଣ୍ଡାରୀ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ ।




# ଅନ୍ଧୁଲି ସ୍କୁଲ ରାସ୍ତା ଅବସ୍ଥା ଶୋଚନୀୟ

କେନ୍ଦ୍ରାପଡା (ପିଏନ)- ମହାକାଳପଡା ବ୍ଲକ ଅନ୍ତର୍ଗତ ବଳିପାଳ ପଂଚାୟତର ମଙ୍ଗରାଜପୁର ପୋଲଠାରୁ ଅନ୍ଧୁଲି ଉପ୍ରା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ସାମାନ୍ୟ ବର୍ଷାରେ ସାଇକେଲରେ ସେହି ରାସ୍ତାରେ ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ରାସ୍ତା ଉପରେ ନିର୍ଭରଶୀଳ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର,ରାଜପୁର,ରତନପଡା ଗ୍ରାମବାସୀ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତୁରନ୍ତ ଉକ୍ତ ରାସ୍ତାର ମରାମତି ପାଇଁ ପଟ୍ଟାମୁଣ୍ଡାଇ ଓ ମହାକାଳପଡା ଅଂଚଳର ସତ୍ୟଜିତ ରାଉତ, ସୋମନାଥ ଦାସ, ପ୍ରୀତିରଞ୍ଜନ ସ୍ୱାଇଁ, ସୁଜୟ କୁମାର ସାହୁ, ଅଭିଷେକ ଦାସ, ସତ୍ୟବ୍ରତ ଦାସ, ପ୍ରଭାତ ରାଉତ ପ୍ରମୁଖ ଦାବି କରିଛନ୍ତି ।

# ଅଣ୍ଟରା ମହାବୀର ମାର୍କେଟ ଉଚ୍ଛେଦ ନକରିବାକୁ ଦାବି

କେନ୍ଦ୍ରାପଡା (ପିଏନ) ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଟରା ମହାବୀର ମାର୍କେଟକୁ ଉଚ୍ଛେଦ ନକରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି । ସେହି ମାର୍କେଟ କମ୍ପ୍ଲେକ୍ସ ଉପରେ ୨୫ଜଣ ବେକାର ଯୁବକ,ଯୁବତୀ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବାରୁ ତାହାକୁ ଉଚ୍ଛେଦ ନକରିବାକୁ ଶରତ ଚନ୍ଦ୍ର ମଲ୍ଲିକ, ବସନ୍ତ କୁମାର ମଲ୍ଲିକ, ଭାଗ୍ୟରଞ୍ଜନ ମଲ୍ଲିକ, ଅରୁଣ ଦୋରା, ସନ୍ତୋଷ ମଲ୍ଲିକ, ସଞ୍ଜୀବ ନାୟକ, ଭାସ୍କର ସାହୁ, ରବିନ୍ଦ୍ର ବାରିକ, ସତ୍ୟବ୍ରତ ସାହୁ ପ୍ରମୁଖ ଦାବି କରିଛନ୍ତି ।

# ବିଶିଷ୍ଟ ସମାଜସେବୀ ମଦନ ବିଶ୍ୱାଳଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, (ପିଏନ)- ଭଦ୍ରକର ବିଶିଷ୍ଟ ସମାଜସେବୀ, ଚିନ୍ତାନାୟକ, ଦକ୍ଷ ସଂଗଠକ, ଶିକ୍ଷା ଅନୁରାଗୀ ମଦନ ବିଶ୍ୱାଳଙ୍କ ବିୟୋଗରେ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ତା୪।୮।୨୦୧୯ରିଖ ଅପରାହ୍ନ ୪ଘଟିକା ସମୟରେ ଚରମ୍ପା ସ୍ଥିତ ହୋଟେଲ ଅଭିନନ୍ଦନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମଞ୍ଚର ସଭାପତି ବରିଷ୍ଠ ଅଧିବକ୍ତା ନିରାକାର ଜେନା ଅଧ୍ୟକ୍ଷତା କରିଥିଲେ । ସଭାରେ ମଞ୍ଚର ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ବାବୁଲାଲ ଦାସ, ଉପସଭାପତି ଶରତ ମହାନ୍ତି, ମଞ୍ଚର ବରିଷ୍ଠ ସଦସ୍ୟ ଗଗନ ବିହାରୀ ରାଉତ, ସଦାନନ୍ଦ ସାହୁ, ଅନନ୍ତ ଚରଣ ନାୟକ, ଶିଶିର ମିଶ୍ର, ନିରଞ୍ଜନ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ମଦନ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଦିବଂଗତ ମଦନ ବିଶ୍ୱାଳଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସ୍ୱର୍ଗତ ବିଶ୍ୱାଳ ନିଜର ଜନପ୍ରିୟତା ଯୋଗୁ ଭଦ୍ରକ ପୌରପାଳିକାରେ କାଉନସିଲର ଭାବେ ନିର୍ବାଚିତ ହୋଇ ଚରମ୍ପା ଅଂଚଳରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ନିଜଗ୍ରାମ ଡଗରାସାହିରେ ମାଇନର ସ୍କୁଲ ପ୍ରତିଷ୍ଠା, ଚରମ୍ପା ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା । ଚରମ୍ପା ଅଞ୍ଚଳରେ ଅନ୍ୟତ ମୁରବୀ ହିସାବରେ ଦଳମତ ନିର୍ବିଶେଷରେ ଆଦୃତ ଓ ଗ୍ରହଣୀୟ ଥିଲେ । ତାଙ୍କ ଦେହାନ୍ତରେ ଚରମ୍ପା ଅଞ୍ଚଳରେ ଏକ ଗାରିମାମୟ ବ୍ୟକ୍ତିତ୍ୱର ଅବସାନ ହେଲା ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ ।

# ୩ ଦିନିଆ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଜିଲାରୁ ଦିନକୁ ୪୫ କ୍ୱିଂଟାଲ ଛତୁ ଉତ୍ପାଦନ

ଭଦ୍ରକ, (ପିଏନ)- ଓଡ଼ିଶାର ଛତୁ ଉତ୍ପାଦନ କ୍ଷେତ୍ରରେ ଭଦ୍ରକ ଜିଲା ଅଗ୍ରଣୀ ଜିଲା ମାନ୍ୟତା ପାଇଛି । ଗତ ୨୦୦୭-୦୮ ରୁ ଛତୁଚାଷ ପାଇଁ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୈଜ୍ଞାନିକ ଜ୍ଞାନ କୌଶଳ ଓ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଛତୁ ପାଇଁ ଚାଷୀମାନଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବା ଯୋଗୁଁ ଜିଲାରେ ପ୍ରତିଦିନ ହାରାହାରି ୪୫ କ୍ୱିଂଟାଲ ଛତୁ ଉତ୍ପାଦନ ହେଉଛି । ପ୍ରାୟ ୨ ହଜାରରୁ ଅଧିକ କୃଷି ଉଦ୍ୟୋଗୀ ଛତୁ ଚାଷ କରି ଲାଭବାନ ହେଉଛନ୍ତି । ବିଶେଷକରି କୃଷି ବିଜ୍ଞାନ କେନ୍ଦ୍ରର ଜ୍ଞାନ କୌଶଳ ଯୋଗୁଁ ଅଦିନିଆ ଛତୁ ଚାଷ ପ୍ରଣାଳୀ ଏକ ଅଭିନବ ପ୍ରୟାସ । 'ପଲି ହାଉସ' ଅଦିନିଆ ଛତୁ ଉତ୍ପାଦନ ସାରା ଓଡ଼ିଶାକୁ ବ୍ୟାପିଛି । ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ୩ ଦିନିଆ ଛତୁ ଚାଷ ପ୍ରଶିକ୍ଷଣ ଶିବିର କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ୧୫ ଜଣ ଅଗ୍ରଣୀ ମହିଳା ଓ ପୁରୁଷ ଛତୁଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ପାଳ ଛତୁ ସହ ଢିଙ୍ଗିରି ଛତୁ ଉତ୍ପାଦନ ଜ୍ଞାନ କୌଶଳ ସଂପର୍କରେ କୃଷି ବିଜ୍ଞାନୀମାନେ ତାଲିମ ଦେଇଥିଲେ । ବିଶେଷ କରି ଛତୁ ଉତ୍ପାଦନ ସକାଶେ ନଡା କାଟିବା, ପାଣିରେ ଭିଜାଇବା, ବିଶୋଧନ, ଶଯ୍ୟା ପ୍ରସ୍ତୁତି ଓ ମଂଜି ପକାଇବା ଆଦି ବିଭିନ୍ନ ସୋପାନ ଉପରେ ଚାଷୀମାନେ ପ୍ରଶିକ୍ଷଣ ନେବା ସହ ନିଜସ୍ୱ ଢଙ୍ଗରେ ଏହା ପ୍ରଦର୍ଶନୀ ମାଧ୍ୟମରେ ଦେଖାଇଥିଲେ । ଏହାବ୍ୟତୀତ ଛତୁଚାଷ ପାଇଁ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ସଂପର୍କରେ ଶିବିରରେ ଆଲୋକପାତ କରାଯାଇଥିଲା । ଛତୁ ଉତ୍ପାଦନ ପରେ ଅଧାସଢା ନଡା ଆବର୍ଜନାକୁ ଉତ୍କୃଷ୍ଟମାନର ଜିଆ ଖତରେ ପରିଣତ କରିବା ସଂପର୍କରେ ଚାଷୀମାନଙ୍କୁ ତାଲିମ୍ ଦିଆଯାଇଥିଲା । କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ବୈଜ୍ଞାନିକ ରୋଜାଲିନ୍ ମହାନ୍ତି ଚାଷୀମାନଙ୍କୁ ତାଲିମ୍ ଦେଇଥିଲେ । ଉଦ୍‌ଯାପନୀ ଦିବସରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଅରବିନ୍ଦ ଦାସ, ବରିଷ୍ଠ ବୈଜ୍ଞାନିକ ଉମାଶଙ୍କର ନାୟକ, ଅମ୍ବିକା ପ୍ରସାଦ ନାୟକ, ଦେବୀପ୍ରସାଦ ନାୟକ ପ୍ରମୁଖ ବିଜ୍ଞାନୀମାନେ ଚାଷୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଛତୁଚାଷ ଶିବିରରେ ରିନୁରୟା ସୂତାର, ବାସନ୍ତୀ ସାହୁ, ସୀତାରାଣୀ ସୂତାର, ବଂଶମିତା ଖଟୁଆ, ଦମୟନ୍ତୀ ସୂତାର, ଲକ୍ଷ୍ମୀନାରାୟଣ ମହାପାତ୍ର, ରତିକାନ୍ତ ଦାସ, ନୀଳମାଧବ ନାୟକ, ପ୍ରଫୁଲ୍ଲ ଦାସ, ବିଦ୍ୟାସାଗର ଖଟୁଆ, ସନ୍ତୋଷ କୁମାର ସାହୁ, ରାକେଶ ସାମଲ, ସଂଜୀବ ଘଡେଇ, ରମେଶ ମହାନ୍ତି ଓ ପ୍ରାର୍ଥୀ ସାରଥୀ ମାଝୀ ପ୍ରମୁଖ ଚାଷୀମାନେ ପ୍ରଶିକ୍ଷଣ ନେଇଥିଲେ ।

# ସପ ମଶିଣା ଧରି ପ୍ରସବ ପାଇଁ ଡାକ୍ତରଖାନା ଆସୁଛନ୍ତି ପ୍ରସୂତି ମହିଳା

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ୱାର୍ଡ ରେ ଦେଖିବାକୁ ମିଳୁଛି ଏହି ଚିତ୍ର । ପ୍ରସୂତି ୱାର୍ଡରେ ଯେତିକି ଶଯ୍ୟା ରହିଛି ତାହା ସିଏସ ପ୍ରସୂତି ଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ । ଫଳରେ ନରମାଲ ଡେଲିଭରୀ ହେବାକୁ ଆସୁଥିବା ପ୍ରସୂତିଙ୍କୁ ଡାକ୍ତରଖାନା ଚଟାଣରେ ସପ ଅଥବା ମଶିଣା ପାରି ରାତି କାଟିବାକୁ ପଡୁଛି । ଏଥିପାଇଁ ପ୍ରସୂତିଙ୍କୁ ଆଗୁଆ ସପ ଅଥବା ମଶିଣା ଯୋଗାଡ କରି ଡାକ୍ତରଖାନା ଆସିବାକୁ ପଡୁଥିବା ବେଳେ ୱାର୍ଡରେ ଭର୍ତି ହେବା ଠାରୁ ୱାର୍ଡଛାଡିବା ଯାଏ ଓଟି ଆଗରେ ସପ ମଶିଣାରେ ପଡି ରହୁଛନ୍ତି ଶହ ଶହ ପ୍ରସୂତି ଏବଂ ସେମାନଙ୍କ ତତ୍ୱାବଧାରିକା ମହିଳା । ଯାହାକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ୱାର୍ଡରେ ରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି । ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ୱାର୍ଡରେ ରହିଛି ୩୦ ଗୋଟି ସର୍ଯ୍ୟା । ହେଲେ ଡାକ୍ତରଖାନାରେ ପ୍ରସୂତିଙ୍କ ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ଏହା ଭିତରେ ଅଧିକ ୭ ଗୋଟି ବିଛଣା ପକାଯାଇଛି । ଏହାଫଳରେ ଡାକ୍ତରଖାନା ପ୍ରସୂତି ୱାର୍ଡର ବିଛଣା ସଂଖ୍ୟା ୩୭ କୁ ବୃଦ୍ଧି କରାଯାଇଛି । ହେଲେ ସେତକ ମଧ୍ୟ ଯଥେଷ୍ଟ ହେଉନାହିଁ । ଏଥିରେ କୌଣସିମତେ ସିଏସ ମହିଳାଙ୍କୁ ରଖି ସାରିବା ପରେ ନରମାଲ ଅଥବା ଜରୁରୀକାଳିନ ଅସ୍ତ୍ରୋପଚାର ହେଉଥିବା ପ୍ରସୂତିଙ୍କ ପାଇଁ ବିଛଣା ନାହିଁ । ଫଳରେ ଡେଲିଭରୀ ପରେ ସେମାନଙ୍କୁ ଓଟି ଆଗରେ ସେମାନେ ପାରିଥିବା ସପ ଉପରେ ପ୍ରସବ ପରବର୍ତି ଚିକିତ୍ସା ଗ୍ରହଣ କରିବାକୁ ପଡୁଛି । ସେହି ସପ ଉପରେ ପ୍ରସୂତି ମହିଳାଙ୍କ ଦେହରେ ଲାଗୁଛି ସାଲାଇନ ଏବଂ ଇଂଜେକସନ । ସୁଚନା ଅନୁଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ୨୦ ରୁ ଉର୍ଦ୍ଧ ନରମାଲ ଡେଲିଭରୀ କରାଯାଉଥିବା ବେଳେ ୬ ରୁ ୭ ଗୋଟି ସିଏସ ଡେଲିଭରୀ କରାଯାଉଛି । ସିଏସ ମହିଳାଙ୍କୁ ଡାକ୍ତରଖାନା ନିୟମ ଅନୁଯାଇ ଡାକ୍ତରଖାନାରେ ସର୍ବନିମ୍ନ ୬ ରୁ ୭ ଦିନ ରଖାଯାଉଥିବା ହେତୁ ମାସରେ ଏହି ୱାର୍ଡରେ ସର୍ବାଧିକ ୧୫୦ ଜଣ ପ୍ରସୂତି ରହିପାରୁଥିବା ବେଳେ ମାସିକ ୬ ଶହ ପାଖାପାଖି ପ୍ରସୂତିଙ୍କୁ ୱାର୍ଡ ବାରଣ୍ଡାରେ ସପ ବିଛାଇ ଶୋଇବାକୁ ପଡୁଛି । ଡାକ୍ତରଖାନା ସୁଚନା ଅନୁଯାଇ ଏହି ଡାକ୍ତରଖାନାରେ ମାସିକ ପ୍ରାୟ ୧୭୦ ଗୋଟି ସିଏସ ହେଉଥିବା ବେଳେ ୬ ଶହରୁ ଉର୍ଦ୍ଧ ନରମାଲ ଡେଲିଭରୀ କରାଯାଉଛି । ଏତେ ସଂଖ୍ୟକ ପ୍ରସୂତି ରୋଗୀ ଡାକ୍ତରଖାନା ଆସୁଥିଲେ ମଧ୍ୟ ଡାକ୍ତରଖାନାର ପ୍ରସୂତି ୱାର୍ଡର ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉନାହିଁ କିମ୍ବା ପ୍ରସୂତିଙ୍କ ରହିବାର ବ୍ୟବସ୍ଥା କରାଯାଉନାହିଁ । କେବଳ ସେତିକି ନୁହେଁ ପ୍ରସୂତି ୱାର୍ଡରେ ଏହି ଗହଳି ଯୋଗୁ ଏଠାରେ ରୋଗୀଙ୍କ ସକାସେ ରହିଥିବା ପାଣି ପାଇଖାନାରେ ମଧ୍ୟ ପାଦ ରଖିବା କାଠିକର ପାଠ ହେଉଛି । ଡାକ୍ତରଖାନାର ପ୍ରସୂତି ୱାର୍ଡରେ ଏହି ଗହଳି ଯୋଗୁ ଅଧିକାଂଶ ରୋଗୀ ବିଛଣା ଅଭାବରୁ ଡାକ୍ତରଖାନା ଛାଡି ଘରୋଇ ନର୍ସିଂ ହୋମକୁ ପଳାଇ ଯାଉଥିବା ଜଣାପଡିଛି । ଫଳରେ ସେମାନେ ସରକାରୀ ପ୍ରଦତ ଆର୍ଥିକ ସହାୟତା ଗ୍ରାମାଂଚଳ ପ୍ରସୂତିଙ୍କ ପାଇଁ ୧୪ ଶହ ଏବଂ ସହରାଂଚଳ ପ୍ରସୂତିଙ୍କ ପାଇଁ ଏକ ହଜାର ଟଙ୍କାର ଆର୍ଥିକ ସହାୟତାରୁ ବଂଚିତ ହେଉଥିବା ବେଳେ ଘରୋଇ ନର୍ସିଂହୋମ ଙ୍କ ହାତରେ ଆର୍ଥିକ ଶୋଷଣର ଶିକାର ହେବାକୁ ପଡୁଛି ।

# ନିର୍ବିକଳ୍ପ ନିକେତନରେ ରୁଦ୍ରାଭିଷେକ

ଜୟପାଟଣା, (ପିଏନ୍)- ପବିତ୍ର ଶ୍ରାବଣ ସୋମବାର ଅସରରେ ଜୟପାଟଣା ଅଂଚଳର ବିଭିନ୍ନ ଶୈବ ପୀଠ ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ କାଉଡ଼ିଆ ମାନଙ୍କ ମଧ ବିଶେଷ ସମାଗମ ଦେଖିବାକୁ ମିଳିଥିଲା । ସ୍ଥାନୀୟ ମୌଳେଶ୍ୱର ଶିବ ମନ୍ଦିର, ସର୍ବେଶ୍ୱର ମହାଦେବ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ସହିତ ରୁଦ୍ରାଭିଷେକରେ ମଧ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ । ଜୟପାଟଣା ସହର ଉପକଣ୍ଠରେ ହାତୀ ନଦୀ କୂଳରେ ଉପରେ ଅବସ୍ଥିତ ନିର୍ବିକଳ୍ପ ନିକେତନ ପରିସରରେ ପରମହଂସ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦଜୀଙ୍କ ତତ୍ୱାବଧାନରେ ଶ୍ରାବଣୀ ରୁଦ୍ରାଭିଷେକ ଶ୍ରଦ୍ଧାର ସହିତ ପାଳିତ ହୋଇଛି ।

# ଗରିବ କୁଡ଼ିଆକୁ ଆବାସ ଯୋଜନା କେବେ ?

ଜୟପାଟଣା, (ପିଏନ୍)- ଖାଦ୍ୟ ସୁରକ୍ଷା ଓ ଆବାସ ଯୋଜନା ଏବେ ଅର୍ଥନୈତିକ ସୀମାରେଖା ତଳେ ରହି ଏ ସ୍ୱାଭାବିକ ଜୀବି ଜୀଇଁବାର ଲକ୍ଷ୍ୟ ରଖି ଅନାଇ ବସିଥିବା ଲୋକଙ୍କ ପାଇଁ ବରଦାନ ସାଜିଲା । ଖାଦ୍ୟ ସୁରକ୍ଷାରୁ କେହି ବଂଚିତ ନରହିବା ପାଇଁ ନିୟମ ପ୍ରସ୍ତୁତ ହେଲା । ଖାଦ୍ୟ ସୁରକ୍ଷା ଯୋଜନାରେ ଏବେ ୯୫ ପ୍ରତିଶତ ଗରିବ ଲାଭ ଉଠାଇ ସାରିଥିବାବେଳେ ବାସହରା ଜୀବନ ବାଡ଼ି ବିହୀନ ବାସ୍ତବ ଗରିବ ଏବେ ଆବାସ ଯୋଜନାରୁ ବଂଚିତ ରହୁଥିବା ଘଟଣା ଅନେକ ପରିମାଣରେ ସାମ୍ନାକୁ ଆସିବାରେ ଲାଗୁଛି । ପରାଶ୍ରିତ ଓ ସରକାରୀ ଜମିରେ ଝାଟିମାଟି ଘରେ ମୁଣ୍ଡ ଗୁଞ୍ଜୁଥିବା ଲୋକଙ୍କ ହତାରେ କୌଣସି ଜମି ପଟ୍ଟା ନଥିବାରୁ ଆବାସ ଯୋଜନା ସେମାନଙ୍କ ପାଖକୁ ପହଂଚି ପାରୁନଥିବା ଅଭିଯୋଗ ଆସୁଛି । ସୁଖବାସୀଙ୍କ ପାଇଁ ୪ ଡିସିମିଲ ଘର ଡିହର ସ୍ୱତନ୍ତ୍ର ବ୍ୟବସ୍ଥା ଥାଇ ମଧ ଦଶନ୍ଧି ଦଶନ୍ଧି ସେମାନେ ପଟ୍ଟା ପାଇପାରୁ ନଥିବା ଅଭିଯୋଗ ଆସୁଛି । ତାହାରି ଫଳସ୍ୱରୂପ ଅନେକ ସ୍ୱଚ୍ଛଳ ଲୋକ ବିଭିନ୍ନ ଉପାୟ ଅବଲମ୍ବନ କରି ଆବାସ ଯୋଜନାକୁ ହାତଉଥିବା ଲକ୍ଷ୍ୟ କରାଯାଉଛି । ଆବାସ ଯୋଜନା ଚୟନର ମାନଦଣ୍ଡ ଅପରିବର୍ତିତ ରହିଲେ ଅନେକ ଗରିବ ସବୁଦିନ ପାଇଁ ଏହି ଯୁଗାନ୍ତକାରୀ ଯୋଜନାରୁ ବଂଚିତ ହୋଇ ରହିଯିବେ ବୋଲି ଆଲୋଚନା ହେଉଛି । ଫଳତଃ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଭିତିଭୂମିର ବିକାଶ ସହିତ ଯୋଜନାରୁ ବଂଚିତ ଥିବା ଗରିବଙ୍କୁ ଚିହ୍ନଟ କରି ସେଠାରେ ଥଇଥାନ ପାଇଁ ସ୍ୱର ଉଠିବାରେ ଲାଗିଛି । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ପାଇଁ ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ୩୧୫୦ଟି ପକ୍କାଘର ୨୨ଟି ଗ୍ରାମ ପଂଚାୟତ ପାଇଁ ମଞ୍ଜୁରୀ ପାଇଛି । ତନ୍ମଧ୍ୟରୁ ୨୨୬୧ ଜଣ ଉପଭୋକ୍ତାଙ୍କ ପଞ୍ଜିକରଣ ହୋଇଥିବାବେଳେ ମୋଟ ଟାର୍ଗେଟ ମଧ୍ୟରୁ ୧୮୪୧ ଜଣଙ୍କ ଜିଓ ଟେକ୍ ସରିଯାଇଛି । ସେହି ଜିଓ ଟେକ୍ ମଧ୍ୟରୁ ମାତ୍ର ୧୦୯୬ ଜଣଙ୍କର ଦରଖାସ୍ତ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଂଚିଥିବା ସୂଚନାରୁ ପ୍ରକାଶ ଏସବୁ ସତ୍ତ୍ୱେ ଜଣେ ହେଲେ ଉପଭୋକ୍ତା କୌଣସି କିସ୍ତି ପାଇନଥିବା ଜଣାପଡ଼ିଛି । ଉପଭୋକ୍ତା ଚୟନକୁ ନେଇ କଥାକଥିତ ନିୟମ କାନୁନ୍ ଅନ୍ତରାୟ ସୃଷ୍ଟି କରୁଥିବାରୁ ଟାର୍ଗେଟ ପୂରଣରେ ବ୍ଲକ୍ ପ୍ରଶାସନ ଅସଫଳ ହେବାର ଯଥେଷ୍ଟ ସମ୍ଭାବନା ଦିଶିଲାଣି । ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ୧୫୧୪ ଜଣଙ୍କ ମଞ୍ଜୁରୀ ପ୍ରାପ୍ତ ହୋଇଥିବାବେଳେ ମାତ୍ର ୧୩୦୩ ଜଣ ପୂର୍ଣ୍ଣାଙ୍ଗ କରିଥିଲେ । ବର୍ଷ ୨୦୧୭-୧୮ରେ ୧୩୦୫ ଜଣଙ୍କ ମଞ୍ଜୁରୀ ଥାଇ ୧୦୧୮ ଜଣ ପୂର୍ଣ୍ଣାଙ୍ଗ ଓ ୨୦୧୮-୧୯ବର୍ଷରେ ୭୫୦ଟି ଘର ମଞ୍ଜୁରୀ ହୋଇଥିବାବେଳେ ମାତ୍ର ୫୧୯ଜଣ ପୂର୍ଣ୍ଣାଙ୍ଗ କରିଥିବା ଜଣାପଡ଼ିଛି । ଏସବୁ ସତ୍ତ୍ୱେ ପାହାଡ଼ ଉପରେ ଓ ଜଙ୍ଗଲ ଜମିମାନଙ୍କରେ ଦୁର୍ବିସହ ଜୀବନ ବିତାଉଥିବା ଲୋକଙ୍କୁ ଆବାସ ଯୋଜନା ପାଇଁ ନିଜସ୍ୱ ହକ୍ ଥାଇ ମଧ ଜମି ପଟ୍ଟା ସେମାନଙ୍କ ପାଇଁ ବାଧକ ସାଜୁଥିବାରୁ ଜିଲ୍ଲା ପ୍ରଶାସନ ଏମାନଙ୍କ ପାଇଁ ଓ ଯୋଜନାର ସଫଳ ରୂପାୟନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

# ୬ ଗୋଟି ବାଇକ ଓ ସାଇକେଲ ଜବତ- ଅଭିଯୁକ୍ତ ଗିରଫ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ପୋଲିସ ବିଭିନ୍ନ ସ୍ଥାନରେ ବାଇକ ସହ ସାଇକେଲ ଚୋରୀ ଅଭିଯୋଗରେ ଜଣକୁ ଗିରଫ କରିଥିବା ସୂଚନା ଦେଇଛି । ଗିରଫ ବ୍ୟକ୍ତିଙ୍କ ଠାରୁ ୩ ଗୋଟି ବାଇକ ସହ ୩ ଗୋଟି ସାଇକେଲ ଉଦ୍ଧାର କରିଛି । ଏହି ଚୋରୀରେ ସଂପୃକ୍ତ ଥିବା ଅଭିଯୁକ୍ତ ଖଡିଆଳ ବ୍ଲକର ସାରଧାପୁର ପଂଚାୟତର ଢଙ୍କସର ଗ୍ରାମର ପର୍ଶୁରାମ ବିଭାର ବୋଲି ଜଣାପଡିଛି । ସୂଚନା ମତେ ଗତ ୩ ତାରିଖ ଦିନ ଖଡିଆଳ ସହରର ପୁଟୁପଡାର ନିମାଇଁ ମହାଉତିଙ୍କ ପତ୍ନୀ ନିଜ ସ୍କୁଟି ନେଇ ଖଡିଆଳ ସାପ୍ତାହିକ ବଜାରକୁ ସଉଦା କିଣି ଆସିଥିଲେ । ସେ ସ୍କୁଟି ରଖି ସଉଦା କିଣୁଥିବା ବେଳେ ତାଙ୍କର ସ୍କୁଟି ଚୋରୀ ହୋଇଯାଇଥିଲା । ଏନେଇ ନିମାଇଁ ଖଡିଆଳ ଥାନାରେ ମାମଲା ରୁଜୁ କରିଥିଲେ । ପୋଲିସ ୧୯୧/୨୦୧୯ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଲାଇଥିଲେ । ସେହିପରି ଖଡିଆଳ ବ୍ଲକର କୋଟାମାଲ ଗ୍ରାମର ଲୋକରାମ ରଣା ନିଜ ବାଇକ ଡୁଆଝରେ ରାସ୍ତା ସାଇଡରେ ରଖି ନିଜ କପା ଜମିକୁ ଚାଷ ପାଇଁ ଯାଇଥିବା ବେଳେ ତାଙ୍କର ବାଇକ ଚୋରୀ ହୋଇଯାଇଥିଲା । ଏନେଇ ସେ ଖଡିଆଳ ଥାନାରେ ମାମଲା ରୁଜୁ କରିଥିବା ବେଳେ ୧୯୦/୨୦୧୯ ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ଏହାସହ ସେ କଂଟାବାଞ୍ଜି ଅଞ୍ଚଳରୁ ମଧ୍ୟ ଏକ ବାଇକ ଚୋରୀ କରିଥିଲେ । ପୁଣି ଇତିପୂର୍ବେ ଚୋର ପର୍ଶୁରାମ ବିଭାର ଗଡ୍ରାମୁଣ୍ଡା, ଆଜାଦ ଛକ ଏବଂ ମାଛ ବଜାରରୁ ସାଇକେଲ ଚୋରୀ କରିଥିଲେ । ପୋଲିସ ତଦନ୍ତ ପରେ ଅଭିଯୁକ୍ତ ପର୍ଶୁରାମ ବିଭାର ଚୋରୀରେ ସଂପୃକ୍ତ ଥିବା ସୂଚନା ପାଇଥିଲା । ପର୍ଶୁରାମ ଏକ ବାଇକ ଯୋଗେ ସିନ୍ଧେକେଲାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଦୋହେଲପଡା ଗ୍ରାମ ଠାରେ ତାଙ୍କୁ ଗିରଫ କରିଥିଲେ । ଗିରଫ ପରେ ପୋଲିସ ଅଭିଯୁକ୍ତଙ୍କ ଠାରୁ ୩ ଗୋଟି ବାଇକ ଏବଂ ୩ ଗୋଟି ସାଇକେଲ ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ ଓ "ଆମୋଫୋଇ" ପକ୍ଷରୁ "ଅଗଷ୍ଟ ୨" ସରକାରୀ କର୍ମଚାରୀଙ୍କ ବାକ୍ ସ୍ୱାଧୀନତା ଦିବସ ରୂପେ ପାଳିତ

ଭୁବନେଶ୍ୱର (ପିଏନ): "ମୁକ୍ତଚନ୍ତନବାଦୀ" ଓ "ପ୍ରେମବିବାହବାଦୀ" ଦଳ "ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ" ଓ ଆମୋଫୋଇ ପକ୍ଷର ଅଗଷ୍ଟ ୨କୁ "ଗଭରମେଣ୍ଟ ସର୍ଭାଣ୍ଟସ୍‌ଙ୍କ ଫ୍ରି ସ୍ପିଚ୍ ଡ଼େ" ରୂପେ ପାଳନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସେମିନାରରେ ଏଫ୍‌ପିଆଇ ସଭାପତି ଡ଼. ବିଜୟାନନ୍ଦ କର ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ସେସୁ ଡ଼ିଜିଏମ୍ ଇଂ ପୂର୍ଣ୍ଣଚନ୍ଦ୍ର ଚାଓପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ ବାକ୍ ସ୍ୱାଧୀନତା ବିନା ସୁ-ଶାସନ ଓ ସାମାଜିକ ଗଣତନ୍ତ୍ର ଅସମ୍ଭବ । ସୁନ୍ଦର ଜୀବନ ଜୀଇଁବା ପାଇଁ ଏହା ଅପରିହାର୍ଯ୍ୟ ।




ଏଥିରେ ନାବାର୍ଡ଼ ସଂସ୍ଥାର ଆସିଟାଣ୍ଟ ଜେନେରାଲ ମ୍ୟାନେଜର ଆଦିତ୍ୟ ବିକ୍ରମ ରଥ ବାକ୍ ସ୍ୱାଧୀନତାର ମହତ୍ତ୍ୱ ଉପରେ ତାଙ୍କର ମତାମତ ପ୍ରକାଶ କରିଥିଲେ । ସ୍ୱଚ୍ଛ ପ୍ରଶାସନ ପାଇଁ କର୍ମଚାରୀମାନଙ୍କର ବାକ୍ ସ୍ୱାଧୀନତାକୁ ସରକାର ସ୍ୱାଗତ କରିବା ଉଚିତ୍ ।

ଆଲୋଚନା ଚକ୍ରର ଆଭିମୁଖ୍ୟ, ଓଡ଼ିଶା ହାଇକୋର୍ଟ ୧୯୭୧ ମସିହା ଅଗଷ୍ଟ ୨ ତାରିଖରେ "ବି.ରାମଚନ୍ଦ୍ର ବନାମ ଓଡ଼ିଶା ସରକାର" ମମଲାରେ ଦେଇଥିବା ରାୟର ପୃଷ୍ଠଭୂମି ଏବଂ ତାହାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ ଏଫ୍‌ପିଆଇ ସାଧାରଣ ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର । "ବାକ୍ ସ୍ୱାଧୀନତା"ର ଅଦ୍ୱିତୀୟ ପ୍ରବକ୍ତା ଫରାସୀ ରାଷ୍ଟ୍ରବିପ୍ଳବୀ ଭୋଲଟେୟାର ଓ ୟୁଟିଲିଟାରିଆନ୍ ଫିଲୋସଫର ଜନ୍ ଷ୍ଟୁଆଟ୍ ମିଲ୍‌ଙ୍କ ଦୂରଦୃଷ୍ଟିସଂପନ୍ନ ବର୍ଣ୍ଣନା ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ ଦୁଃଖ ଓ ଲଜ୍ୟାର ବିଷୟ ଏହି ଯେ ୪୮ ବର୍ଷ ଇତି ମଧ୍ୟରେ ଅତିକ୍ରାନ୍ତ ହୋଇଥିଲେ ମଧ ଓଡ଼ିଶା ସରକାର ମାନ୍ୟବର ହାଇକୋର୍ଟ ରାୟକୁ ଏଯାବତ ସମ୍ମାନ ଦେଇ ନାହାନ୍ତି । ଆଚରଣ ବିଧି ନିୟାମାବଳୀ ୧୯୫୯ରେ ଏବେ ବି ସଂବିଧାନ ବର୍ହିଭୂତ ରୁଲ୍ ୬(୨) ଓ ୭(୧) ବିଦ୍ୟମାନ ରହିଛି ।

ରାଜ୍ୟ ସରକାରଙ୍କ ନବ ଗଠିତ "ଟି" ଡ଼ିପାର୍ଟମେଣ୍ଟ ସଚିବ ଶ୍ରୀଯୁକ୍ତ ଭି.କେ. ପାଣ୍ଡିଆନ୍ ଏଥିପ୍ରତି ଧ୍ୟାନ ଦେଲେ ଯାହା ଏ ଯାଏ କରାଯାଇ ପାରିନାହିଁ ତାହା ସଂପାଦିତ ହୋଇ ପାରିବ ବୋଲି ଏଫ୍‌ପିଆଇ ସାଧାରଣ ସଂପାଦକ ସିଏସ୍‌ଟି ଭୋଲଟେୟାର ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଫ୍‌ପିଆଇ ଉପସଭାପତି ହରିଶ୍ଚନ୍ଦ୍ର କର ଓ "ଆମୋଫୋଇ" ସଂସ୍ଥାର କୋ-ଫାଉଣ୍ଡର ମ୍ୟାଡ଼ାମ୍ ସ୍ୱପ୍ନା ବିଜୟିନି ଭାଗ ନେଇ ସରକାରୀ କର୍ମଚାରୀଙ୍କ ସମାଲୋଚନା ମୂଳକ ମତାମତକୁ ସମର୍ଥନ କରିଥିଲେ ।

# ଶ୍ରାବଣମାସର ୩ୟ ସୋମବାର : ବାବାମଣିଙ୍କୁ ଜଳଲାଗି କଲେ ୩୦ହଜାର କାଉଡିଆ

ଭଦ୍ରକ,(ପିଏନ)-ପବିତ୍ର ଶ୍ରାବଣମାସର ୩ୟ ସୋମବାରରେ ପ୍ରସିଦ୍ଧ ଶୈବପୀଠ ଆରଡିଧାମର ବାବାମଣିଙ୍କୁ ଜଳଲାଗି କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୦ହଜାର କାଉଡିଆଭକ୍ତଙ୍କ ସମାଗମ ହୋଇଥିଲା ପୀଠରେ । ଅଗଣିତ କାଉଡିଆମାନଙ୍କର ଭିଡକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ଯେପରି କାଉଡିଆମାନେ ଶାନ୍ତିଶୃଙ୍ଖଳାର ସହ ମଣିବାବାଙ୍କ ନିକଟରେ ଜଳଲାଗି କରିବେ ସେଥିପାଇଁ ମନ୍ଦିର ଭିତରେ ଓ ବାହାରେ ୩ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ପୂର୍ବଦିନ ଅର୍ଥାତ ରବିବାର ସକାଳ ଠାରୁ ସୋମବାର ସଂଧ୍ୟା ପର୍ଯ୍ୟନ୍ତ ପୁଲିସ ପକ୍ଷରୁ କଡା ପହରା ଦିଆଯିବା ସହିତ ସ୍ୱତନ୍ତ୍ର ବ୍ୟାରିକେଡ ଦ୍ୱାରା ମନ୍ଦିର ମଧ୍ୟକୁ ଆସୁଥିବା କାଉଡିଆମାନେ ଯେପରି କୌଣସି ଅସୁବିଧାର ସମ୍ମୁଖିନ୍ନ ନହେବେ ସେଥିପାଇଁ ଅଧିକ ପୁଲିସ ମୁତୟନ କରାଯାଇଥିଲା । ଅନ୍ୟପଟେ ରବିବାର ସଂଧ୍ୟାରୁ ଆରମ୍ଭ ହୋଇଥିଲା ମଣିବାବାଙ୍କ ନିକଟରେ ଜଳଲାଗି ହଜାର-ହଜାର କାଉଡିଆ ବୋଲବମ୍, ହରହର ବୋମ, ମଣିବାବା ପାରକରେଗା ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଆରଡିପୀଠ । ସେହିପରି ହଜାର-ହଜାର କାଉଡିଆମାନଙ୍କର ସମାଗମକୁ ଦୃଷ୍ଟିରେ ରଖି ସୋମବାର ରାତ୍ର ସାଢେ ୩ଟାରେ ମନ୍ଦିର ଦ୍ୱାର ଫିଟା ଯାଇଥିବା ବେଳେ ୪ଟାରେ ମଙ୍ଗଳ ଆଳତୀ, ୫ଟାରେ ବାଲ୍ୟଧୂପ ନୀତି, ୯ଟାରେ ପଅଡଖିଆ ଅନ୍ନନୀତି ଲାଗି କରାଯାଇଥିଲା । ପରେ ଦିବା ୧ଟାରେ ମନ୍ଦିର ମାର୍ଜନା କରାଯାୟୀ ମଣିବାବାଙ୍କୁ ଯୋଗୁ ବେଶରେ ସଜ୍ଜିତ କରାଯିବା ସହିତ ବଡଅନ୍ନ ନୀତିଭୋଗ ଲାଗି କରାଯାଇ ୧ଘଣ୍ଟା ଅବକାଶ(ଶୟନ) ନୀତି କରାଯାଇଥିଲା । ଅପରାହ୍ଣରେ ସୁବାଷିତ ଫୁଲ, ଚନ୍ଦନ ଓ ବିଭିନ୍ନ ଅଳଙ୍କାରରେ ଆଭୁଷଣ କରାଯାଇ ବଡସିଂହାର ବେଶରେ ସଜ୍ଜିତ କରାଯାଇଥିଲା ମଣିବାବାଙ୍କୁ । ଏତେ ସଂଖ୍ୟକ ବୋଲବମ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ସମସ୍ତ କାର୍ଯ୍ୟର ମନ୍ଦିର ଟ୍ରଷ୍ଟି ତଥା ଭଦ୍ରକ ଉପ-ଜିଲାପାଳ ପିତାମ୍ବର ସାମଲ ବୁଲି ଦେଖିବା ସହିତ୍ପରି ଭକ୍ତମାନେ କୌଣସି ଅସୁବିଦାରେ ସମ୍ମୁଖିନ୍ନ ନହେବେ ସେଥିପ୍ରତି କଡା ନଜର ରଖିବା ପାଇଁ ମନ୍ଦିର ଅଧିକାରିମାନଙ୍କୁ ପରାମର୍ଶ ଦେଇଥିଲେ ।

# ଚାଷୀଙ୍କ ପରି ଚିନ୍ତାରେ ମତ୍ସ୍ୟଜୀବୀ : ଧୋକା ଦେଇଛି ବର୍ଷା, ଜାଲରେ ପଡୁନି ମାଛ

ଭଦ୍ରକ,(ପିଏନ)- ନିଅଣ୍ଟିଆ ବର୍ଷା ପାଇଁ ଚାଷୀଙ୍କ ପରି ଏଥର ମତ୍ସ୍ୟଜୀବୀ ବି ଚିନ୍ତାରେ ପଡିଛନ୍ତି । ବର୍ଷା ଅଭାବରୁ ସମୁଦ୍ରରେ ଆଗପରି ଜାଲରେ ମାଛ ପଡୁନାହାଁନ୍ତି । ପ୍ରଜନନ ଋତୁର କଟକଣା ଉଠିବା ପରେ ସମୁଦ୍ରକୁ ମାଛ ମାରିବାକୁ ବୋଟ୍ ପଠାଇଥିବା ମତ୍ସ୍ୟଜୀବୀଙ୍କ ଚିନ୍ତା ବଢୁଛି, କିପରି କର୍ମଚାରୀଙ୍କୁ ଦରମା ଦେବେ ଆଉ ତେଲପାଣି ଖର୍ଚ୍ଚ ଉଠାଇବେ । ଏପଟେ ମାଛ ହେଉ ନଥିବାରୁ କେତକେ ମାଲିକ ବୋଟ୍‌କୁ କୂଳରେ ଭିଡିଲେଣି । କାହିଁକି ନା ଗୋଟିଏ ଥର ମାଛ ମାରିବା ପାଇଁ ତେଲ, ବରଫ ସହିତ ଯାହାବି ଖର୍ଚ୍ଚ ହେଉଛି, ମାଲିକର ତାର ଅଧା ଖର୍ଚ୍ଚ ବି ଉଠୁନି । ସମୁଦ୍ରରେ ଆଶାନୁରୂପକ ମାଛ ହେଉ ନଥିବାରୁ ବୋଟ୍ ପଠାଇବାକୁ ମାଲିକ ଅମଙ୍ଗ ହେଲେଣି । ସରକାରଙ୍କ ମତ୍ସ୍ୟ ବିଭାଗର ନିୟମ ଅନୁସାରେ ଏପ୍ରିଲ ୧୫ ରୁ ଜୁନ୍ ୧୪ ମାଛଙ୍କ ବଂଶ ବୃଦ୍ଧି ହୋଇଥାଏ । ପ୍ରଜନନ ଋତୁରେ ମତ୍ସ୍ୟ ବିଭାଗ ୬୧ ଦିନିଆ କଟକଣା ଜାରି କରିଥିଲା । ଏହି କଟକଣା ଉଠିବା ପରେ କର୍ମଚାରୀଙ୍କ ଠାରୁ ମାଲିକମାନେ ବେଶି ଖୁସି ହୋଇଥିଲେ । ସମୁଦ୍ରରେ ଭଲ ମାଛ ହେବ, ଦୁଇ ପଇସା ରୋଜଗାର ହେବ । ସେଥିପାଇଁ ମାଲିକମାନେ ସମସ୍ତ ଆନୁସଙ୍ଗିକ କାମ ସାରି ବୋଟ୍‌କୁ ମାଛ ମାରିବାକୁ ସମୁଦ୍ରକୁ ପଠାଇଥିଲେ । ଆଶାନୁରୂପକ ମାଛ ଜାଲରେ ପଡିବେ ବୋଲି ଆଶା କରିଥିଲେ । ମାଲିକ ହେଲେ ଫଳ ଓଲଟା ହୋଇଛି, ଦୁଇମାସ ମାଛଧରା ବନ୍ଦ ପରେ ବି ସମୁଦ୍ରରେ ଆଗପରି ମାଛ ମିଳୁନି । ଯାହାବି ମାଛ ପଡୁଛି, ଲାଭ ତ ଦୂରକଥା, ଖର୍ଚ୍ଚ ଉଠୁନି । କର୍ମଚାରୀ ଦରମା, ତେଲ, ବରଫ, ଜାଲେଣି ଓ ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷକୁ ହିସାବ କରି ବୋଟ ମାଲିକମାନେ କିଛି ଲାଭ ପାଉନଥିବା କହୁଛନ୍ତି । ବୋଟ ମାଲିକଙ୍କ କହିବା ଅନୁଯାୟୀ ଗୋଟିଏ ଥର ବୋଟ୍ ମାଛ ମାରିବାକୁ ଯିବାକୁ ପାଖାପାଖି ତିରିଶି ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି । ସମୁଦ୍ରରେ ୪/୫ ଦିନ ମାଛଧରି ଫେରିବା ପରେ କୋଡିଏ ହଜାର ଟଙ୍କା ମାଛ ମିଳୁନି । ଏତେ କ୍ଷତିରେ କେମିତି ବୋଟ୍ ପଠାଇବୁ ବୋଲି କହୁଛନ୍ତି । ବିଶେଷକରି କଟକଣା ଉଠିବା ପରେ ବୋଟ ମାଛ ମାରିବାକୁ ଗଲେ ଇଲିସି ମାଛ ଜାଲରେ ପଡିଥାନ୍ତି । ଉଚ୍ଚା ଦରରେ ମାଛ ବିକ୍ରି ହୋଇଥାଏ । ଏଥର ଇଲିସି ମାଛ ତ ମିଳିବା ଦୂରର କଥା ଅନ୍ୟାନ୍ୟ ଛୋଟ ମାଛ ବି ଆଶାନୁରୂପକ ମିଳିନି । ସ୍ୱଳ୍ପ ବର୍ଷା ଓ ପବନର ବେଗ ବଦଳୁ ନଥିବାରୁ ସମୁଦ୍ରରେ ମାଛ ହେଉ ନଥିବା ବୋଟ ମାଲିକ ଶଶିକାନ୍ତ ନାୟକ, ନୀଳକଣ୍ଠ ମଲିକଙ୍କ ସମେତ କେତେକ ମତ୍ସ୍ୟଜୀବୀ କହୁଛନ୍ତି । ମାଛ ହେଉ ନଥିବାରୁ କେତେକ ମାଲିକ ବୋଟକୁ ନପଠାଇ ମୁହାଁଣରେ ଅଟକାଇବାକୁ ବାଧ ହେଉଛନ୍ତି । ବାସୁଦେବପୁର ବ୍ଲକ୍‌ର ଚୂଡାମଣି, କଶିଆ, ପଢୁଆଁ, ମୋହନପୁର ଆଦି ଅଂଚଳର ତିନିଶହରୁ ଉର୍ଦ୍ଧ୍ୱ ଛୋଟବଡ ବୋଟ୍ ମାଲିକ ଏହି ସମସ୍ୟାରେ ପଡିଛନ୍ତି । ସମୁଦ୍ରରେ ଛୋଟ ମାଛକୁ ଧରିବାକୁ ମତ୍ସ୍ୟଜୀବୀ ପଛାଉ ନାହାଁନ୍ତି । ତେଣୁ ସମୁଦ୍ରରେ ମାଛ ସଂଖ୍ୟା କମୁଛି । ତା ଛଡା ଏଥର ସ୍ୱଳ୍ପ ବର୍ଷା ପାଇଁ ମଧ ମାଛ ଜାଲରେ ପଡୁନଥିବା ସ୍ଥାନୀୟ ସହକାରୀ ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ କହିଛନ୍ତି ।




# ରକ୍ତହୀନତା ରୋଗର ଭୟାବହତା



ଭୁବନେଶ୍ୱର (ଓଏନ୍ଏସ୍): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରର ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତ ଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତା ଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତ ହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍ ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍ ର ପରିମାଣ ୪ ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି,ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତ୍ରୁଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉ ନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ ରୁ ୧୦ ଶତକଡ଼ା ରୋଗୀ ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆ ଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତାହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହଞ୍ଚି ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

**(ସୌଜନ୍ୟ: ଡାକ୍ତର ସୁରେନ୍ଦ୍ର ନାଥ ଦାଶ)**

# ଶ୍ରୀମତୀ ସରଳା ଦେବୀ ଓ ଫତୁରାନନ୍ଦ





ଆଜି ସରଳା ଦେବୀଙ୍କ ଜନ୍ମ ଦିନ। ତେବେ ବିଶିଷ୍ଟ ସାହିତ୍ୟ ସାଧକ ସ୍ରଷ୍ଟା ଫତୁରାନନ୍ଦଙ୍କ ସହ ସରଳା ଦେବୀଙ୍କ ମୋତେ ନେଇ ଏକ ସ୍ମରଣୀୟ ଅନୁଭୂତି ମୋ ଜୀବନରେ ଘଟିଥିଲା। ଶ୍ରୀମତୀ ସରଳା ଦେବୀ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି ସୁଲେଖିକା ଏବଂ ସୁବକ୍ତା ମଧ୍ୟ। ସମାଜ ସଂସ୍କାରର ବହୁ କଥାରେ ସେ ଆଗୁଆ। ସମାଜ ସେବା କରିବା ସହିତ ଉଚ୍ଚକୋଟୀର ସାହିତ୍ୟ ରଚନା କରିବା ତାଙ୍କର ବୈଶିଷ୍ଟ୍ୟ। ବିଶେଷ ଭାବରେ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ସେ ପ୍ରବନ୍ଧ ରଚନା କରୁଥିଲେ। ନିତ୍ୟାନନ୍ଦ ମହାପାତ୍ର ଡଗର ସମ୍ପାଦନା କରୁଥିବା ବେଳେ ସେ ନିୟମିତ ଭାବେ ଡଗରରେ ଲେଖା ଦେଉଥିଲେ। ଡଗର ମଧ୍ୟ ମାସିକ ସାହିତ୍ୟ ପତ୍ର ହିସାବରେ ନିୟମିତ ପ୍ରକାଶ ପାଉଥିଲା। ନିତ୍ୟାନନ୍ଦ ମହାପାତ୍ର ରାଜନୀତିରେ ଭାଗ ନେବା ଫଳରେ ସେ ଆଉ ଡଗର ସମ୍ପାଦନାରେ ସମୟ ଦେଇ ପାରିଲେ ନାହିଁ। ଫତୁରାନନ୍ଦଙ୍କ ଉପରେ ସମସ୍ତ ଭାର ଅର୍ପଣ କଲେ। ତାଙ୍କର ସର୍ତ୍ତ ରହିଲା ଡଗର ପ୍ରେସରୁ ଯାହା ଆୟ ହେବ ସେଥିରୁ ସେ ପଇସାଟିଏ ନେବେ ନାହିଁ। ସେଇ ଅର୍ଥ ଡଗର ପ୍ରକାଶନରେ ଖର୍ଚ୍ଚ ହେବ କିନ୍ତୁ ଦୁର୍ଭାଗ୍ୟର କଥା ଫତୁରାନନ୍ଦ ଦାୟିତ୍ୱ ନେବା ପରେ ପ୍ରେସ୍‌ର ଆର୍ଥିକ ଅବସ୍ଥା ଉନ୍ନତି ହେବା ବଦଳରେ ଅବନତି ହେବାରେ ଲାଗିଲା। ସବୁବେଳେ ଆର୍ଥିକ ଅନଟନ ଲାଗି ରହିଲା। ଡଗର ପ୍ରତି ମାସରେ ନ ବାହାରି ଦୁଇ ମାସ ତିନି ମାସରେ ଥରେ ବାହାରିଲା। ଲେଖା ଆସିବା ବନ୍ଦ ହୋଇ ନଥାଏ, ସବୁବେଳେ ଭଲ ଲେଖାସବୁ ବିଶିଷ୍ଟ ଲେଖକମାନଙ୍କ ଠାରୁ ଡାକ ଯୋଗେ ଆସୁଥାଏ। ସରଳା ଦେବୀ ଶ୍ରୀରାମଙ୍କ ଉପରେ ଗୋଟିଏ ବଡ଼ ପ୍ରବନ୍ଧ ଲେଖିଥିଲେ। ସେ ପ୍ରବନ୍ଧର କିଛି ଅଂଶ ଡଗରରେ ବାହାରିଥିଲା। ଡଗର ନିୟମିତ ନ ବାହାରିବାରୁ ତାଙ୍କ ଲେଖା ମଧ୍ୟ ପ୍ରକାଶ ହେବାରେ ବିଳମ୍ବ ହେଲା। ଅପ୍ରେଲ କିମ୍ବା ମେ ମାସ ହେବ। ପ୍ରବଳ ଖରା, ଆକାଶରୁ ନିଆଁ ଝରିଲା ପରି ଖରା ହେଉଥାଏ। ଦିନ ପ୍ରାୟ ବାରଟା ବେଳେ ସରଳା ଦେବୀ ଗୋଟିଏ ରିକ୍ସାରେ ଦୋଳମୁଣ୍ଡାଇ ଆଡୁ ଆସି ଡଗର ପ୍ରେସ ପାଖରେ ଅଟକିଲେ ଏବଂ ରିକ୍ସା ଉପରେ ଥାଇ ରାମ ରାମ ବୋଲି ଡାକ ପକାଇଲେ। ମୁଁ ଡଗର ପ୍ରେସ୍‌ର ଅଫିସ ଘରେ ବସି ପ୍ରୁଫ ଦେଖୁଥାଏ। ସରଳା ଦେବୀଙ୍କ ଡାକ ଶୁଣି ଫତୁରାନନ୍ଦଙ୍କୁ କହିଲି–ଆଜ୍ଞା, ସରଳା ଦେବୀ ଆସିଲେଣି। ଫତୁରାନନ୍ଦ ଆଲମାରି ସେ ପାଖରେ ତାଙ୍କ ଅନ୍ଧାରି ଘରେ ବସିଥିଲେ। ମୋ କଥା ଶୁଣି କହିଲେ – କହିଦିଅ ମୁଁ ନାହିଁ ବୋଲି। ମୁଁ ମଧ୍ୟ ସରଳା ଦେବୀଙ୍କୁ କହିଲି – ରାମବାବୁ ନାହାନ୍ତି। ଫତୁରାନନ୍ଦ ତାଙ୍କ ଟେବୁଲ ଲ୍ୟାମ୍ପଟି ଲିଭାଇ ଦେଇ ଟେବୁଲ ତଳେ ଚୁପ୍ ହୋଇ ଲୁଚିଗଲେ। ସରଳା ଦେବୀ ମୋ କଥା ଶୁଣି ମଧ୍ୟ ରାମ କାହିଁ ରାମ କାହିଁ ବୋଲି କହି ଅଫିସ ଭିତରକୁ ପଶି ଆସିଲେ। ମତେ ପଚାରିଲେ – ମୋ ପ୍ରବନ୍ଧ ଡଗରରେ ବାହାରିଛି ? ମୁଁ ମନା କଲି। ସେ ପ୍ରଶ୍ନ କଲେ – ରାମ କୁଆଡ଼େ ଗଲା ? ମୁଁ ଉତ୍ତର ଦେଲି–ସେ ଘରକୁ ଯାଇଛନ୍ତି। କେତେବେଳେ ଆସିବ ? ପ୍ରଶ୍ନ କଲେ ? ମୁଁ କହିଲି କହିପାରିବି ନାହିଁ।

ସେ ଆସି ଗୋଟିଏ ଚେୟାର ଉପରେ ବସି ପଡ଼ିଲେ। ଅଫିସ ଭିତରେ ଗୋଟିଏ ଟେବୁଲ ପଡ଼ିଥାଏ ତାର ତିନିକଡରେ ତିନୋଟି ହାତ ନଥିବା ଚେୟାର। କୌଣସି ଅତିଥି ବା ଲେଖକ ଆସିଲେ ସେଇ ଚେୟାର ଉପରେ ବସନ୍ତି। ସେ ଗୋଟିଏ ଚେୟାର ଦଖଲ କରିନେଲେ ଏବଂ ଦେହରୁ ଝାଳ ମାରିବା ପାଇଁ ନିଜ ଖଦଡ଼ ଶାଢ଼ୀକୁ ଟିକିଏ ସଜାଡ଼ି ନେଲେ। ଚେୟାର ଉପରେ ବସି ଟେବୁଲ ଉପରେ ଗୋଡ ଦୁଇଟିକୁ ଲଦି ଦେଇ କହିଲେ – ରାମ ଆସିଲେ ମୁଁ ତା ସାଙ୍ଗେ କଥା ହୋଇଯିବି। ସେ କାହିଁକି ମୋ ପ୍ରବନ୍ଧ ବାହାର କରୁନାହିଁ। ଯଦି ନ କାଢ଼ିବ ତାହା ହେଲେ ମୋ ଲେଖା ଫେରାଇ ଦେଲେ ମୁଁ ଅନ୍ୟ ପତ୍ରିକାରେ ବାହାର କରିବି। ଫତୁରାନନ୍ଦ ସେଣେ ଟେବୁଲ ତଳେ ବସି ଝାଳରେ ଜୁଡୁବୁଡୁ ହେଲେଣି। ସରଳା ଦେବୀଙ୍କୁ କିପରି ଭାବେ ବିଦା କରିବି, ଫତୁରାନନ୍ଦଙ୍କୁ ବିପଦରୁ ରକ୍ଷା କରିବି ଏଇ ଚିନ୍ତାରେ ମୁଁ ଥାଏ। ପନ୍ଦର କୋଡ଼ିଏ ମିନିଟ ସମୟ ଅତିକ୍ରାନ୍ତ ହେଲାପରେ ସରଳା ଦେବୀ କହିଲେ – କେତେବେଳୁ ଘରକୁ ଗଲାଣି ଆସୁନାହିଁ କାହିଁକି ? ମୁଁ କହିଲି ତାଙ୍କ ପେଟ କାଟି ହୋଇ ଝାଡ଼ା ହେଉଥିଲା ବୋଲି କହୁଥିଲେ। ବୋଧହୁଏ ଅଧିକ ଝାଡ଼ା ହେଲା ତେଣୁ ସେ ଘରେ ରହିଲେ ଆଉ ଆସିବେ ନାହିଁ। ସେ କଥା ପ୍ରତି ସେ ଭ୍ରୂକ୍ଷେପ ନକରି ସେଇପରି ବସି ରହିଲେ। ଭିତର ପଟେ ଫକୀର ବାବୁ ଥିଲେ, ମୁଁ ତାଙ୍କୁ ଯାଇ କହିଲି – ଫତୁରାନନ୍ଦଙ୍କୁ ଅପେକ୍ଷା କରି ସରଳାଦେବୀ ବସି ରହିଛନ୍ତି। ଯେତେ କହିଲେ ବି ଯାଉନାହାନ୍ତି। କ'ଣ କରିବା କୁହ ? ସେ ଗୋଟିଏ କମ୍ପୋଜିଟରକୁ ଶିଖେଇଦେଲେ ତୁ ଏଇ ପଛପଟ ଦେଇ ରାସ୍ତା ଉପରକୁ ଚାଲିଯା ଏବଂ ସେଠାକୁ ଆସି କହିବୁ ଗୋଟିଏ ମଟର ସାଇକେଲ ସହିତ ରିକ୍ସାର ଧକ୍କା ହୋଇଗଲା, ରିକ୍ସାରେ ବସିଥିବା ଲୋକଟି ରାସ୍ତା ଉପରେ ପଡ଼ି ତାର ମୁଣ୍ଡ ଫାଟି ଯାଇଛି, ରକ୍ତରେ ଜୁଡୁବୁଡୁ ହୋଇ ଗଲାଣି। ଆମର ଉଦ୍ଦେଶ୍ୟ ହେଲା ଏପରି ଦୁର୍ଘଟଣା କଥା କହିଲେ ସରଳା ଦେବୀ ନିଶ୍ଚୟ ଅଫିସରୁ ବାହାରି ଦୁର୍ଘଟଣା ସ୍ଥାନକୁ ଯିବେ ଏବଂ ସେଇ ଅବସରରେ ଆମେ ଫତୁରାନନ୍ଦଙ୍କୁ ବାହାର କରି ଆଣିବୁ। ଆମ କହିବା ଅନୁସାରେ ପିଲାଟି ଆସି ଡଗର ପ୍ରେସ୍ ବାରଣ୍ଡାରେ ଚିତ୍କାର କରି କହିଲା – ଓଃ କି ସାଙ୍ଘାତିକ ଦୁର୍ଘଟଣା, ଲୋକଟା ରାସ୍ତାରେ ପଡ଼ି ଛଟପଟ ହେଉଛି। ମୁଣ୍ଡ ଫାଟି ରକ୍ତ ଧାର ଧାର ବୋହୁଛି। ପ୍ରେସ୍ ଭିତରୁ ଜଣେ ଦୁଇଜଣ ପିଲା ରାସ୍ତା ଉପରକୁ କ୍ଷିପ୍ର ଗତିରେ ଦୌଡ଼ିଗଲେ। କିନ୍ତୁ ଏହି ଦୁର୍ଘଟଣା ହଟଚମଟ ଶୁଣି ସରଳା ଦେବୀ ଟିକିଏ ବି ହଲଚଲ ହେଲେ ନାହିଁ। ସେ ଯେପରି ବସି ରହିଥିଲେ ସେପରି ବସି ରହିଲେ ଏବଂ ଉପଦେଶ ଦେଲେ କନା ପୋଡ଼ି କ୍ଷତ ସ୍ଥାନରେ ଲଗାଇ ଦେବାକୁ। ଆମର କୌଶଳ ଫେଲ ମାରିଲା। କ'ଣ କଲେ ସିଏ ଯିବେ ଏଇକଥା ଚିନ୍ତା କଲୁ। ସେ ପ୍ରଶ୍ନ କଲେ – ରାମର କି ପ୍ରକାର ଝାଡ଼ା ହେଉଥିଲା ? ମୁଁ କହିଲି – ପେଟ କଟା ନାଳଝାଡ଼ା। – ଓଃ, ଏଇ କଥାରେ ଏତେ ବିବ୍ରତ ! ରାମକୁ କହିବ ବେଲ ପୋଡ଼ି ଖାଇଦେବ। ନାଳଝାଡ଼ା ପୂରା ଭଲ ହୋଇଯିବ। ସେତେବେଳକୁ ଘଣ୍ଟାଏ ସମୟ ଅତିକ୍ରାନ୍ତ ହୋଇଗଲାଣି। ସରଳା ଦେବୀ ମନକୁ ମନ କହିଲେ, ରାମ ବୋଧହୁଏ ଆସିବ ନାହିଁ। ମୁଁ ଯାଉଚି ତାଙ୍କ ଘର ବାଟ ଦେଇଯିବି। ତାକୁ ବେଲପୋଡ଼ା ଖାଇବାକୁ କହିବି। ମୁଁ କହିଲି ଆପଣ ତାଙ୍କ ଘରକୁ ଚାଲିଗଲେ ସେଇଠି ଦେଖା ହେବ, କଥାବାର୍ତ୍ତା ହେବେ। ସେ ଏବେ ଚେୟାରରୁ ଉଠି ପଦାକୁ ଆସିଲେ ଏବଂ ରିକ୍ସାବାଲାକୁ କହିଲେ ଝାଞ୍ଜିରୀମଙ୍ଗଳା ଆଡ଼େ ଯିବା ପାଇଁ। ସେ ସେଇ ରିକ୍ସାରେ ବସି ଫତୁରାନନ୍ଦଙ୍କ ଘର ଆଡ଼କୁ ଗଲେ। ମୁଁ ବାରଣ୍ଡାରେ ଛିଡ଼ା ହୋଇ ଚାହିଁ ରହିଥାଏ। ରିକ୍ସାଟି ପିଠାପୁର ଶିବମନ୍ଦିର ଅତିକ୍ରମ କଲା ପରେ ମୁଁ କହିଲି – ସରଳାଦେବୀ ଗଲେଣି, ଆପଣ ଏଥର ଆସନ୍ତୁ। ଫତୁରାନନ୍ଦ ଟେବୁଲ ତଳୁ ଝାଳ ଜୁଡୁବୁଡୁ ହୋଇ ବାହାରିଲେ ଏବଂ ଗୋଟାଏ ବଡ଼ ଦୀର୍ଘନିଃଶ୍ୱାସ ପକାଇ କହିଲେ – ହେ ଭଗବାନଃ ବଳି ମୁହଁରୁ ଆଜି ରକ୍ଷା ପାଇଲି।

**ରଘୁନାଥ ମହପାତ୍ର**, ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦

## ସ୍ୱାଧୀନତା ଦିବସ ପାଳିତ

କଟକ (ପିଏନ୍): ଇଣ୍ଡିଆନ୍ ସିଟିଜେନ୍ସ୍ ପାର୍ଟି ତରଫରୁ କଟକସ୍ଥିତ ପାର୍ଟି କାର୍ଯ୍ୟାଳୟରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପାର୍ଟିର ସଭାପତି ରମେଶ ଚନ୍ଦ୍ର ରାଉତ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଉପସ୍ଥିତ ଥିବା ପାର୍ଟିର କର୍ମଚାରୀଙ୍କ ସମେତ ଶ୍ରୀ ରାଉତ ଜାତୀୟ ସଙ୍ଗୀତ ଗାନ କରିଥିଲେ ଏବଂ ଯେଉଁ ମହାନ୍ ଆତ୍ମ ବଳିଦାନରେ ଦେଶ ଆଜି ସ୍ୱାଧୀନତା ଲାଭ କରିଛି ସେହି ମହାନ୍ ବ୍ୟକ୍ତିଙ୍କ ଆଦର୍ଶରେ ଆଜି ଯୁବସମାଜ ଅନୁପ୍ରାଣିତ ହେବା ଉଚିତ୍ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାର୍ଟିର ଅନ୍ୟ କର୍ମକର୍ତ୍ତାଙ୍କ ସମେତ ବହୁ ସାଧାରଣ ଜନତା ଉପସ୍ଥିତ ରହି ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶେଷରେ ସଭାପତି ଶ୍ରୀ ରାଉତ ଉପସ୍ଥିତ ଥିବା କର୍ମକର୍ତ୍ତା ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ପ୍ରଜାପତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)–ସାହାଡ଼ାପଦା ପ୍ରଜାପତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପସେବା କେନ୍ଦ୍ର ତରଫରୁ ବାଙ୍କୀ ବଜାର ମାଣିକପାଟଣା ଗଣେଶ ବଜାର ଠାରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟଭଗିନୀ ବ୍ରହ୍ମକୁମାରୀ ରୀନା ଅଧକ୍ଷତା କରି ପରସ୍ପର ପ୍ରେମ ଓ ଶାନ୍ତିରେ ଜୀବନଯାପନ କରିବା ପାଇଁ କହିଥିଲେ। ମୁଖ୍ୟ ଅତିଥିଭାବେ ସାମାଜକ କର୍ମୀ ଗୌତମ ମିଶ୍ର ଯୋଗଦେଇ ଭାଇଭଉଣୀର ସମ୍ପର୍କର ପର୍ବ ରକ୍ଷାବନ୍ଧନ। ଭଉଣୀ ତାର ଭାଇକୁ ରକ୍ଷୀବାନ୍ଧୀ ତାରକବଚ କରିଥାଏ। ଆମ୍ଭେମାନେ ମଧ୍ୟ ବୃକ୍ଷ ଓ ପଶୁପକ୍ଷୀମାନଙ୍କୁ ତାଙ୍କର ସୁରକ୍ଷା ପାଇଁ ମଧ୍ୟ ରାକ୍ଷୀବନ୍ଧନ କଲେ ବହୁତ ଭଲ ହେବ। ପ୍ରତ୍ୟକ ଖାଲି ସ୍ଥାନରେ ବୃକ୍ଷରୋପଣ କରିବାକୁ ଅନୁରୋଧ କରିଥିଲେ। ସାମ୍ମାନୀତ ଅତିଥିଭାବେ ଯାତମୁଣ୍ଡିଆ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବରାଳ ଯୋଗଦେଇ ଈଶ୍ୱର ବିଶ୍ୱବିଦ୍ୟାଳୟର ଭୂମିକା ବିଷୟରେ ମତଦାନ କରିଥିଲେ। ଯାତମୁଣ୍ଡିଆ କେନ୍ଦ୍ର ମୁଖ୍ୟ ଭଗ୍ନୀ ବ୍ରହ୍ମକୁମାରୀ କବିତା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଈଶ୍ୱରଙ୍କ ପ୍ରତି ସମସ୍ତେ ନିତ୍ୟ ସଂଯୋଗରେ ରହିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ଭଗନୀ ରୀନା, ଭଗିନୀ କବିତା, ଭଗିନୀ ଲିମା ରାକ୍ଷୀ ସମସ୍ତ ଉପସ୍ଥିତ ଭାଇଭଉଣୀମାନଙ୍କୁ ପିନ୍ଧାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ଗଗନ ଭାଇ, ଉଲ୍ଲାସ ଚନ୍ଦ୍ର ବେହେରା, ବୈକୁଣ୍ଠ ବିହାରୀ ପଣ୍ଡା, ବିଜୟ ଭାଇ, ଧନେଶ୍ୱର ଭାଇ, ପ୍ରସନ୍ନ ଭାଇ ଆଦି ଅନେକ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ ଯୋଗଦାନ ଦେଇଥିଲେ।

## ଛତୁ ଚାଷ ପ୍ରଶିକ୍ଷଣ କର୍ମଶାଳା



ପାରଳାଖେମୁଣ୍ଡି (ପିଏନ୍)– ଓଡ଼ିଶାର ଗ୍ରାମୀଣ ପରିବେଶର ମୁଖ୍ୟ ଆଧାର ହେଉଛି କୃଷି। ଗାଁ ଭିତରେ ସକାଳ ପାହିଲେ ଚାଷ ଜମିକୁ ଯିବାର ମଜା ସତରେ ନିଆରା। ଚାଷ ଓ ଚାଷୀ ଉଭୟେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କୃଷି ଓଡ଼ିଆ ସଂସ୍କୃତି ଓ ସଭ୍ୟତାର ମୌଳିକ ଉପାଦାନ। ଭାରତର ଭାତହାଣ୍ଡି ହେଉଛି କୃଷି। ହଳକର୍ଷିତ ଜମିର ସେ ବିପିତ ବିହନକୁ ଦେଖିଲେ ଜାଣି ହୁଏ ଏ ଚାଷର ମହତ୍ତ୍ୱ କଣ ? କର୍ଷଣରୁ କୃଷି–ଚାଷୀ ମନର ସଂଗୀନ ଚାବିକାଠି। ଓଡ଼ିଶା ଏକ ମହନୀୟତାର ରାଜ୍ୟ, ଏଠି କୃଷକର ଲହୁଲୁହର ଚିତ୍ର ବାରି ହୁଏ, ଏଠି କୃଷକର ଜୀବନ ରଂଗମଂଚର ପ୍ରତ୍ୟେକଟି ପାହାଚକୁ ପାଖରୁ ଅବଲୋକନ କରିହୁଏ । ସେଥିପାଇଁ ପରା ଓଡ଼ିଶାର କୃଷି ମହାନ୍। ଛତୁ ଚାଷ କୃଷିର ଏକ ମୁଖ୍ୟ ଅଙ୍ଗ। ଛତୁ ଚାଷ କରି ଆଜି ଅନେକ ଲୋକ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ପାରଳାଖେମୁଣ୍ଡି ସ୍ଥିତ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ରୀମାନେ ଗ୍ରାମାଂଚଳ ଅଭିଜ୍ଞତା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ସ୍ଥିତ ଯାଜପୁର ଗ୍ରାମରେ ଲୋକମାନଙ୍କୁ ଛତୁଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପାଳଛତୁ ଚାଷର ପ୍ରଣାଳୀ ବିଷୟରେ ବୁଝେଇବା ସହ ଏହାଦ୍ୱାରା କିପରି ରୋଜଗାରକ୍ଷମ ହୋଇପାରିବେ, ସେ ବିଷୟରେ ଆଲୋକପାତ କରିଥିଲେ। ଛତୁ ଚାଷ ପାଇଁ ଆବଶ୍ୟକୀୟ ମୂଳଧନ କମ୍ ପଡୁଥିବାବେଳେ ଏହାଦ୍ୱାରା କିପରି ଆମେ ଅଧିକ ଲାଭ ପାଇପାରିବା, ତାହା କହିଥିଲେ। ଚାଷୀମାନେ ମଧ୍ୟ ଏହାକୁ ଆପଣେଇବେ ବୋଲି ପରିପ୍ରକାଶ କରିଛନ୍ତି।

## ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର (ପିଏନ୍)– ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୮ ଘଟିକା ସମୟରେ କଂଗ୍ରେସ ଭବନ ପରିସରରେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ ଜାତୀୟ ପତାକା ଉତୋଳନ କରି ଉପସ୍ଥିତ ନେତୃବୃନ୍ଦ ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଆଜି ଆମେ ଯେଉଁ ସ୍ୱାଧିନତା ଲାଭ କରିଛେ ତାହା ଜାତିର ପିତା ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପ୍ରଭୃତି ଜାତୀୟ ନେତା ଓ ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ବକ୍ସି ଜଗବନ୍ଧୁ ପ୍ରଭୃତି ଶହ ଶହ ସ୍ୱାଧିନତା ସଂଗ୍ରାମୀଙ୍କ ବଳିଦାନ ଯୋଗୁଁ ସମ୍ଭବ ହୋଇପାରିଛି। ଭାରତକୁ ସୁରକ୍ଷା ଦେବାରେ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ପ୍ରତିରକ୍ଷା କ୍ଷେତ୍ରରେ ଯେଉଁ ଉଲ୍ଲେଖନୀୟ ପଦକ୍ଷେପ ନେଇଥିଲେ ତାହା ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। କଂଗ୍ରେସ ସରକାର ସମୟରେ ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷାର ବିକାଶ ପାଇଁ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା ଆଜି ସେ ସବୁର ବିକାଶ ପାଇଁ ଆମକୁ ପୁଣି କାର୍ଯ୍ୟ କରିବାକୁ ପଡିବ। ଆଗାମୀ ଦିନରେ ଦଳକୁ ସଂଗଠିତ ଓ ସୁଦୃଢ କରିବା ପାଇଁ କଂଗ୍ରେସ କର୍ମୀ ଏକାଠି ହୋଇ କାମ କରିବାକୁ ସେ ଆହ୍ୱାନ କରିଥିଲେ। ସେବାଦଳ ପକ୍ଷରୁ ମନୋଜ ଜେନା ଓ ଜ୍ୟୋତିଷ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ଥିବା ମହାମନିଷୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶିବାନନ୍ଦ ରାୟ, କୈଳାସ ଆଚାର୍ଯ୍ୟ, ସମୀର କୁମାର ରାଉତରାୟ, ଯୁଧିଷ୍ଠିର ଜେନା, ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ମନୋରନ ଦାଶ, ରଶ୍ମି ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ, ସନ୍ଧ୍ୟା ମହାପାତ୍ର, ହଳଧର ସେଠୀ, ସତ୍ୟ ପ୍ରକାଶ ନାୟକ, ମାନସ ଆଚାର୍ଯ୍ୟ, ମନୋଜ ମହାପାତ୍ର, ବିଣାପାଣି ସାମଲ, ଜାନକୀ ମଲ୍ଲିକ, ରାମକୃଷ୍ଣ ପରିଡା, କନକଲତା ମଲ୍ଲିକ, ମନୋରଂଜନ ରାଉତରାୟ, ଦିପକ ସାହୁ, ସତ୍ୟବ୍ରତ ନାୟକ, ପ୍ରକାଶ ମିଶ୍ର, ମନୋଜ ନାୟକ, ଆଲୋକ ମହାନ୍ତି, ସତ୍ୟସ୍ମିତ ମହାନ୍ତି, ବାଙ୍କନିଧି ବେହେରା, ସ୍ୱାଧିନବାଳା ଦାସ, ସଂଜୟ ତ୍ରିପାଠୀ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ରାଜକିଶୋର ବାରିକ, ଦୀପକ ମହାପାତ୍ର, ସଂକୁନା କହଁର, ସଂଜୟ ମିଶ୍ର, ପର୍ଶୁରାମ ନାୟକ, ରବିନ୍ଦ୍ରନାଥ ବେହେରା, ଦେବେନ୍ଦ୍ର ମଲ୍ଲିକ, ସିଲି ସେଠୀ, କୁସୁମ ପ୍ରଧାନ, ଉଲ୍ଲାସ ମଲିକ, ସାଗର ପରିଡା, ପ୍ରକାଶ ମହାନ୍ତି, ଜମ୍ଭେଶ୍ୱର ମଲ୍ଲିକ, କୁଳମଣି ସାହୁ, ଅଶୋକ ସିଂ, ଦିନେଶ ପରିଡା, ସୁରେନ୍ଦ୍ରନାଥ ପାଣି, ପ୍ରସନ୍ନ ପାଇକରାୟ, ନିରୁପମା ଜଗତ, ଘିସଲାଲ ଶର୍ମା, ଭୋଳାନାଥ ସାଗର, ସନ୍ଧ୍ୟାରାଣୀ ଦାସ, ବସନ୍ତ ପଣ୍ଡା ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday September 10 | ଭୁବନେଶ୍ୱର | ମଙ୍ଗଳବାର, ସେପ୍ଟେମ୍ବର ୧୦ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଆଇଡେମିସ୍ତୁ ହୋଣ୍ଡା ଟେନ୍୧୦ ରେସିଂ ଟିମ୍ ପାଇଁ ଡବଲ୍ ପୋଡିୟମ୍ ଫିନିସ୍

### ନିଜ ରେକର୍ଡ ଭାଙ୍ଗିଲେ ମିକାଇଲ୍




ଭୁବନେଶ୍ୱର:ଭାରତୀୟ ଜାତୀୟ ମୋଟର ରେସିଂ ଚାମ୍ପିଆନ୍‌ସିପ୍ (ଏମଏମ୍ଆରଟି) ୨୦୧୯ରେ ଆଇଡେମିସୁ ହୋଣ୍ଡା ଟେନ୍୧୦ ଟିମ୍ ଡବଲ୍ ପୋଡିୟମ୍ ଫିନିସ୍‌ହାସଲ କରିଛି । ଚମ୍ପିଆନ୍‌ସିପ୍‌ର ଚତୁର୍ଥ ରାଉଣ୍ଡ୍‌ରେ ଟିମ୍‌ର ଚାଳକମାନେ ପ୍ରୋ ଷ୍ଟକ୍ ୧୬୫ ସିସି ଓ ପ୍ରୋ ଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ ।ପ୍ରୋ ଷ୍ଟକ୍ ୧୬୫ ସିସି ବର୍ଗରେ ହୋଣ୍ଡା ଟିମ୍ ଚାଳକମାନେ କ୍ଲିନ୍ ସ୍ୱିପ୍ କରିଛନ୍ତି । ଟିମ୍‌ର ଚାଳକ ରାଜୀବ ସେତୁ ନିଜର ଷଷ୍ଠ ରେସ୍‌ରେଥିବା ବେଳେ ସରତ କୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଏବଂ କାନନ ପୋଡିୟମ୍ ଫିନିସ୍ କରିଥିଲେ । ପ୍ରୋ ଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ହୋଣ୍ଡାର ତ୍ରିମୂର୍ତ୍ତି ଅନିଷ ସେଟି (ପ୍ରଥମ), ଅଭିଷେକ ଭି (ଦ୍ୱିତୀୟ) ଓ ଅରବିନ୍ଦ ବି (ତୃତୀୟ) ପୋଡିୟମ୍ ଫିନିସ୍ କରିଥିଲେ ।ରାଜୀବ ନିଜର ପ୍ରତିଦ୍ୱନ୍ଦ୍ୱୀତ ସରତଙ୍କ ଠାରୁ ୫୬ ପଏଂଟ୍‌ରେ ଆଗୁଆ ରହି ୧୫୦ ପଏଂଟ୍ ହାସଲ କରିଛନ୍ତି । ଟିମ୍‌ମାନଙ୍କ ମଧ୍ୟରେ ହୋଣ୍ଡା ଟିମ୍ ୩୦୪ ପଏଂଟ୍ ସହ ଅନ୍ୟମାନଙ୍କ ଠାରୁ ୯୯ ପଏଂଟ୍‌ରେ ଆଗୁଆ ରହିଛି । ଚାଳକମାନଙ୍କ ପ୍ରଦର୍ଶନ ସମ୍ପର୍କରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ଚତୁର୍ଥ ପର୍ଯ୍ୟାୟରେ ଅଧିକ ୧୦ଟି ପୋଡିୟମ୍ ଫିନିସ୍ ହୋଇଥିବା ବେଳେ ହୋଣ୍ଡା ଚାମ୍ପିଆନ୍‌ସିପ୍‌ରେ ଆଉ ୪ଟି ବିଜୟ ଯୋଡ଼ିହୋଇଯାଇଛି । ଉଭୟ ରାଜୀବ ଓ ଅନିଷ ନିଜ ରେସ୍ ଦକ୍ଷତା ଯୋଗୁ ଅଗ୍ରଣୀ ରହିଛନ୍ତି । ସବୁଠୁ ବଡ଼ କଥା ହେଉଛି ଆମ ଚାଳକମାନେ କେବଳ ଚାମ୍ପିଆନସିପ୍ ସହ ନୁହେଁ ବରଂ ନିଜ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ରାଜୀବ ନିଜର ଲ୍ୟାପ୍ ସମୟ ରେକର୍ଡକୁ ଭାଙ୍ଗି ଥିବା ବେଳେ ଯୁବ ଚାଳକ ମିକାଇଲ ୨୫୦ ସିସି ବର୍ଗରେ ନିଜରରେକର୍ଡକୁ ଭାଙ୍ଗିଛନ୍ତି ।

## ଟାଟା ଷ୍ଟିଲ୍ ପକ୍ଷରୁ "ଓମେନ୍ ଅଫ୍ ମେଟେଲ୍" ସ୍କଲାରସିପ୍ କାର୍ଯ୍ୟକ୍ରମର ସିଜନ୍ ୩ର ବିଜେତା ଘୋଷିତ

ଭୁବନେଶ୍ୱର(ପିଏନ): ମାନୁଫାକ୍‌ଚରିଂ କ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଏବଂ ଲିଙ୍ଗ ବିବିଧତାକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ କରାଯାଇଥିବା "ଓମେନ୍ ଅ୍‌ଫ ମେଟେଲ୍" ସ୍କଲାରସିପ୍ କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣ ବିଜେତା ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ଦେଶର ୫୦ଟି ପ୍ରିମିୟର ଇଂଜିନିୟରିଂ କଲେଜର ୭୦୦ରୁ ଅଧିକ ଦ୍ୱିତୀୟ ବର୍ଷର ଇଂଜିନିୟରିଂ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଏନ୍‌ଆଇଟି ସୁରତକାଲ୍‌ର ହିମାନି ପଟେଲ୍ ତୃତୀୟ ସଂସ୍କରଣର ବିଜେତା ହୋଇଥିବା ବେଳେ ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ମେସ୍ରାର ତାନ୍ୟା ମୌର୍ଯ୍ୟ ପ୍ରଥମ ରନର୍ସ ଅପ୍ ଓ ଏନ୍‌ଆଇଟି ରାଉରକେଲାର ସ୍ୱାତୀ କୁମାରୀ ଦ୍ୱିତୀୟ ରନର୍ସ ଅପ୍



ଘୋଷିତ ହୋଇଛନ୍ତି । ଚଳିତ ସଂସ୍କରଣ ଶ୍ରେଷ୍ଠ ୧୦ ବିଜେତାଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଦୁଇ ଲକ୍ଷ ଟଙ୍କାର ସ୍କଲାରସିପ୍ ପ୍ରଦାନ କରାଯିବ । ସେମାନେ ଟାଟା ଷ୍ଟିଲ୍‌ରେ ମ୍ୟାନେଜମେଂଟ୍ ଟ୍ରେନି ଭାବେ ଯୋଗ ଦେବାର ସୁଯୋଗ ପାଇବେ । ଗତକାଲି ଜାମସେଦପୁର ଠାରେ ଆୟୋଜିତ ଗ୍ରାଣ୍ଡ ଫିନାଲେରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା । ଏହି ଅବସରରେ ଶ୍ରୀଯୁକ୍ତ ସଂଜୀବ ପଲ୍, ଉପସଭାପତି (ନିରାପତା, ସ୍ୱାସ୍ଥ୍ୟ ଓ ସଷ୍ଟେନେବିଲିଟି), ଟାଟା ଷ୍ଟିଲ୍ ଏବଂ ଶ୍ରୀଯୁକ୍ତ ଅବନୀଶ ଗୁପ୍ତା, ଉପସଭାପତି, ସେୟାରଡ୍ ସର୍ଭିସେସ୍, ଟାଟା ଷ୍ଟିଲ୍ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ୟ ବିଚାରକ ମଣ୍ଡଳୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀଯୁକ୍ତ ସଂଜୀବ ପଲ୍, ଉପସଭାପତି (ନିରାପତା, ସ୍ୱାସ୍ଥ୍ୟ ଓ ସଷ୍ଟେନେବିଲିଟି), ଟାଟା ଷ୍ଟିଲ୍ କହିଛନ୍ତି ଯେ, "ଓମେନ୍ ଅଫ୍ ମେଟେଲ୍ ସ୍କଲାରସିପ୍ କାର୍ଯ୍ୟକ୍ରମ କେବଳ ଭାରତୀୟ ଇସ୍ପାତ କ୍ଷେତ୍ର ନୁହେଁ ବରଂ ସାରା ଦେଶର ମାନୁଫାକ୍‌ଚରିଂ କ୍ଷେତ୍ର ପାଇଁ ଏକ ବିବିଧ ଓ ଅନ୍ତର୍ଭୁକ୍ତୀକରଣ ଅଭିଯାନ । ଦେଶ ଆଗକୁ ବଢ଼ିବା ଏବଂ ପ୍ରଗତି କରିବା ସହିତ ଏହା ବର୍ତମାନ ତୁଳନାରେ ଅଧିକ ବଡ଼ ମାନୁଫାକ୍‌ଚରିଂ ହବ୍ ହେବ ଏବଂ ଆମକୁ ଆମର ୫୦% ମାନବ ସମ୍ବଳର ପୂର୍ଣ୍ଣ ଉପଯୋଗ କରିବାକୁ ପଡ଼ିବ । ବିଭିନ୍ନ କାରଣ ପାଇଁ ଭାରତର ମାନୁଫାକ୍‌ଚରିଂ କ୍ଷେତ୍ରରେ ମହିଳାଙ୍କ ଅଂଶଦାନ କମ୍ ରହିଛି । ଦେଶରେ ଶ୍ରେଷ୍ଠ ଶ୍ରମ ଓ ମାନବ ସମ୍ବଳ ବ୍ୟବସ୍ଥା ଲାଗୁ କରିବାରେ ଅଗ୍ରଦୂତ ଥିବା ଟାଟା ଷଟିଲ୍ କର୍ମ କ୍ଷେତ୍ରରେ ବିବିଧତା ଆଣିବା ପାଇଁ ନିଜର କାର୍ଯ୍ୟ ଜାରି ରଖିବ । ଓମନେ୍ ଅଫ ମେଟେଲ୍‌ର ତୃତୀୟ ସଂସ୍କରଣର ବିଜେତା ଓ ପୂର୍ବ ବିଜେତାମାନେ ମାନୁଫାକ୍‌ଚରିଂ କ୍ଷେତ୍ରରେ ମହିଳାଙ୍କ ଯୋଗଦାନକୁ ନିଶ୍ଚିତ କରିବା ଲାଗି ରୋଲ୍ ମଡେଲ୍ ସାଜିଛନ୍ତି ।''''

## ସେଂଟ ଜୋସେଫ ଉଚ୍ଚ ମାଧ୍ୟମିକ ସ୍କୁଲ ଏଚ୍‌ଡିଏଫସି ଇରଗୋ ଇନସ୍ୟୁରାନ୍ସ ଆୱାରନେସ୍ ଆୱାର୍ଡ ଜୁନିଅର କୁଇଜ୍-୨୦୧୯ର ଜୋନାଲ ରାଉଣ୍ଡରେ

ଭୁବନେଶ୍ୱର,(ପିଏନ): ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଏଚ୍‌ଡିଏଫସି ଇରଗୋ ଇନସ୍ୟୁରାନ୍ସ ଆୱାରନେସ୍ ଆୱାଡ ଜୁନିଅର କୁଇଜ୍-୨୦୧୯ ରେ ସେଂଟ ଜୋସେଫ ଉଚ୍ଚ ମାଧ୍ୟମିକ ସ୍କୁଲ କୁ ଜୋନାଲ ରାଓଣ୍ଡର ବିଜେତାରୂପେ ଘୋଷଣା କରାଜାଇଛି । ଏଥିରେ ଅଂଶଗ୍ରହଣ କରିଥିବା ୨୦ ବିଦ୍ୟାଳୟ ମଧ୍ୟରୁ ସୋମନାଥ ରଥ ଏବଂ ସ୍ୱୋୟମସିଦ୍ଧା ଦାସ ଙ୍କ ଟିମ ସଫଳତାର ସହିତ ସମସ୍ତ ଲେଭଲକୁ ଅତିକ୍ରମ କରିଥିଲା । ସିଟି ରାଉଣ୍ଡରେ ବିଜୟଲାଭ କରିଥିବା ବିଜେତା ମାନେ ରାଏପୁର, ବ୍ରହ୍ମପୁର, କଟକ, ଦୁର୍ଗାପୁର, ଗୌହାଟି, ଜାମସେଦ୍‌ପୁର ଜୋରହାଟ, କୋଲକତା, ପାଟନା, ରାଂଚି ଏବଂ ସିଲିଗୁଡ଼ି ଇତ୍ୟାଦି ବିଜେତା ମାନଙ୍କୁ ଜୋନାଲ ରାଓଣ୍ଡରେ ପରସ୍ପରକୁ ଭେଟିବେ, ଯାହାକି କୋଲକତାରେ ଅନୁଷ୍ଠିତ ହେବ । ଏଥିରେ ବ୍ରହ୍ମପୁରର ୨୦ଟି ସ୍କୁଲର ୫,୦୦୦ରୁ ଅଧିକ ୮ମ ଏବଂ ୯ମ ଶ୍ରେଣୀ ଶିକ୍ଷାର୍ଥୀ ଯୋଗଦେଇଥିଲେ । ବୀମା ସମ୍ପର୍କରେ ସେମାନଙ୍କ ଜ୍ଞାନ ଏହି ଅବସରରେ ପରଖା ଯାଇଥିଲା ।ଏହି ଅବସରରେ




କମ୍ପାନୀର ଶେୟାର ସର୍ଭିସ୍ ଏବଂ ଅନ୍‌ଲାଇନ୍ ବିଜ୍‌ନେସ୍ ସଭାପତି ମେହମୁଦ୍ ମନସୁରୀ କହିଲେ, ଆମେ ଭୁବନେଶ୍ୱରର ସେଂଟ ଜୋସେଫ ଉଚ୍ଚ ମାଧ୍ୟମିକ ସ୍କୁଲ କୁ ଏଚ୍‌ଡିଏଫସି ଇରଗୋ ଇନସ୍ୟୁରାନ୍ସ ଆୱାରନେସ୍ ଆୱାଡ ଜୁନିଅରି କୁଇର୍ଜ୍-୨୦୧୯ ବିଜେତାରୂପେ ଅଭିନନ୍ଦନ ଜଣାଉଛୁ । ଏହି କାର୍ଯ୍ୟକ୍ରମକୁ ଆମେ ୪ ବର୍ଷ ଧରି ସଫଳତାର ସହିତ ଆୟୋଜନ କରୁଛୁ । ସ୍କୁଲ ସ୍ତରରେ ପିଲାଙ୍କ ମଧ୍ୟରେ ବୀମା ପ୍ରତି ସଚେତନତା ସୃଷ୍ଟି କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।

## ୟୁଏଆଇଏଲ୍ ପକ୍ଷରୁ ସୋଲାର୍ ଲାଇଟ୍ ଜରିଆରେ ଟିକିରି ରାସ୍ତାର ଆଲୋକୀକରଣ

ଭୁବନେଶ୍ୱର(ପିଏନ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର କଂପାନି ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ୍) ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଧୀନରେ ଟିକିରି ଗ୍ରାମର ରାସ୍ତାକୁ ଆଲୋକିତ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି । ଅକ୍ଷୟ ଶକ୍ତି ହେଉଛି ଭବିଷ୍ୟତ ଏବଂ ଯଦି ତାହା "ସୋଲାର' ତେବେ ବେଶ ଉତମ, ତେଣୁ ଭବିଷ୍ୟତର ଶକ୍ତି ଉପଯୋଗିତାକୁ ଦୃଷ୍ଟିରେ ରଖି ୟୁଏଆଇଏଲ୍ ତରଫରୁ ୭୫ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି ଯାହା ଟିକିରି ଗ୍ରାମର ଆଜାଦ୍ ୟୁଥ୍ କ୍ଲବ୍ ଠାରୁ ଟିକିରି ହାଟ ପର୍ଯ୍ୟନ୍ତ ଗ୍ରାମକୁ ଆଲୋକ ପ୍ରଦାନ କରିବ । ଏହି ଆଧୁନିକ ସୋଲାର୍ ଲାଇଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଯାହା ସକାଳ ବେଳା ସୂର୍ଯ୍ୟଙ୍କ ଆଲୋକରେ ର୍ଜା ହେବ ଏବଂ ରାତିରେ ରାସ୍ତାକୁ ଆଲୋକିତ କରିବ ଏବଂ ଏଥିରେ ସ୍ୱୟଂକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି ଯାହା ଦିନ ବେଳାର ଆଲୋକ ସମୟରେ ସ୍ୱିଚ୍ ଅଫ୍ ହୋଇ ଶକ୍ତି ସଂଚୟ କରିବ ।




ଏହି ଅବସରରେ ଶ୍ରୀଯୁକ୍ତ ଏନ୍ ନାଗେଶ, ୟୁନିଟ୍ ମୁଖ୍ୟ ଓ ସଭାପତି, ଉତ୍କଳ ଆଲୁମିନା କହିଛନ୍ତି ଯେ, " "ଏକ ସଙ୍ଗେ ଆଗକୁ ବଢ଼ିବା' ଦର୍ଶନକୁ ନେଇ ଆମେ ପ୍ରତିବଦ୍ଧ, ଆମେ ଆମର ପାରିପାର୍ଶ୍ୱିକ ଅଂଚଳରେ ସିଏସ୍‌ଆର୍ ଅଭିଯାନ ଜରିଆରେ ଜୀବନ ଧାରଣ ମାନରେ ଉନ୍ନତି ଆଣି ସମାଜର ଲୋକମାନଙ୍କ ଏବଂ ଗୋଷ୍ଠୀର ସାମଗ୍ରିକ ବିକାଶ ପାଇଁ ସର୍ବଦା ଉଦ୍ୟମ କରୁଛୁ । ଏବଂ ୟୁଏଆଇଏଲ୍ ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ସହିତ ମିଶି କାମ କରୁଛି ।'' ଟିକିରି ସହରକୁ ଆଲୋକିତ କରିବା ଲାଗି ରହିଥିବା ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି । ୨୦୧୯ ସେପ୍ଟେମ୍ବର ୯ରେ ଗୋଷ୍ଠୀର ବରିଷ୍ଠ ନେତୃବୃନ୍ଦ ଓ ୟୁଏଆଇଏଲ୍‌ର ବରିଷ୍ଠ ଅଧିକାରୀଙ୍କ ଗହଣରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଛି । ରାୟଗଡ଼ା ନିର୍ବାଚନ ମଣ୍ଡଳିର ବିଧାୟକ ଶ୍ରୀଯୁକ୍ତ ମହାହାଣ୍ଡ ମୁଦୁଲି ଏବଂ ଉତ୍କଳ ଆଲୁମିନାର ସଭାପତି ଓ ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଏନ୍ ନାଗେଶ ମିଳିତ ଭାବେ ଟିକିରେ ସୋଲାର ଷ୍ଟ୍ରିଟ୍ ଲାଇଟ୍‌କୁ ଉଦ୍‌ଘାଟନ କରିଛନ୍ତି ।

ଶ୍ରୀଯୁକ୍ତ ମଜହର୍ ବେଗ୍, ଯୁଗ୍ମ ସଭାପତି, ଉତ୍କଳ, ଅଧ୍ୟକ୍ଷତା, କାଶିପୁର ଶ୍ରୀମତୀ ରୁଆଇ ମାଝି, ଶ୍ରୀଯୁକ୍ତ ଶଙ୍କର୍ଷଣ ନାୟକ, ଉପାଧ୍ୟକ୍ଷ, କାଶିପୁର, ଶ୍ରୀଯୁକ୍ତ ସୌଭାଗ୍ୟ ବେହେରା, ତହସିଲ କାଶିପୁର, ଶ୍ରୀମତୀ ସୁଜ୍ଞାନି ସାହୁ, ଆଇଆଇସି, ଟିକିରି, ଶ୍ରୀଯୁକ୍ତ କେ ସି ବାତ୍ରା, ଆଇଆଇସି, ଦୋରାଗୁଡ଼ା, ଶ୍ରୀଯୁକ୍ତ ନୀଳ ଝୋଡ଼ିଆ, ଜିଲ୍ଲା ପରିଷଦ ସଦସ୍ୟ, ଟିକିରି, ଶ୍ରୀମୀତ କୁମାରୀ ବିକିତା, ସରପଂଚ, ଟିକିରି, ଶ୍ରୀଯୁକ୍ତ ମନୋଜ ପାତ୍ର, ସମିତି ସଭ୍ୟ, ଟିକିରି ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମର ଅନେକ ଲୋକ ଏହି ଆଲୋକିତ ଉତ୍ସବକୁ ଦେଖିଥିଲେ ।

## ଶ୍ରବଣବାଧିତ ଓ ଦୃଷ୍ଟିବାଧିତ ଲୋକମାନଙ୍କ ଜୀବନରେ ଆଲୋକ ଆଣିଦେଇଛି ସାମ୍‌ସଙ୍ଗର ଗୁଡ୍ ଭାଇବ୍‌ସ ଓ ରେଲୁମିନୋ

ଭୁବନେଶ୍ୱର : ସାମସଙ୍ଗ ଭାରତର ସର୍ବବୃହତ୍ ଓ ସବୁଠାରୁ ବିଶ୍ୱସନୀୟ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍‌ସ ଓ ସ୍ମାର୍ଟଫୋନ୍ ବ୍ରାଣ୍ଡ ଦୁଇଟି ସ୍ୱତନ୍ତ୍ର ସଲ୍ୟୁସନର ଉପସ୍ଥାପନ କରିଛି – ଗୁଡ଼ ଭାଇବ୍‌ସ ଓ ରେଲୁମିନୋ – ଯାହା ଶ୍ରବଣ ବାଧିତ ଓ ଦୃଷ୍ଟବାଧିତ ଲୋକମାନଙ୍କ ପାଇଁ ଏକ ବଳିଷ୍ଠ ଯୋଗାଯୋଗ ମାଧମ ରୂପେ ସହାୟତା ପ୍ରଦାନ କରିବ । ଗୁଡ୍ ଭାଇବ୍‌ସ, କୁ ଭାରତରେ ବିକଶିତ କରାଯାଇଛି । ଏହା ଶ୍ରବଣବାଧିତ ଲୋକମାନଙ୍କୁ ଦୁଇ-ପାର୍ଶ୍ୱ ଯୋଗାଯୋଗ ମାଧ୍ୟମରେ ସେମାନଙ୍କର ଯତ୍ନପ୍ରଦାନକାରୀ, ପରିବାର ଓ ବନ୍ଧୁଙ୍କ ସହିତ ସ୍ମାର୍ଟଫୋନ୍ ମାଧ୍ୟମରେ ସହାୟତା ପ୍ରଦାନ କରିବ । ଗୁଡ୍ ଭାଇବ୍‌ସ ଆପ୍ ମୋର୍ସ କୋଡ୍ ଜରିଆରେ କମ୍ପନକୁ ଟେକ୍ସଟ ବା ସ୍ୱର ଓ ବିପରୀତ କ୍ରମେ ରୂପାନ୍ତରିତ କରିଥାଏ । ଏହି ଆପ୍‌ରେ ଦୁଇଟି ଭିନ୍ନ ୟୁଜର ଇଂଟରଫେସ୍ (ୟୁଆଇ) ରହିଛି । ଗୋଟିଏ ଇଂଟରଫେସ୍‌ରେ ଶ୍ରବଣବାଧିତଙ୍କ ପାଇଁ ଅଦୃଶ୍ୟ ୟୁଆଇ ରହିଛି ଯାହା କମ୍ପନ, ଟ୍ୟାପ୍‌ସ ଓ ଅଙ୍ଗଭଙ୍ଗୀକୁ ବ୍ୟବହାର କରିଥାଏ, ଅନ୍ୟ ପକ୍ଷରେ ଅନ୍ୟଟିରେ ଦୃଶ୍ୟମାନ ୟୁଆଇ ରହିଛି ଯାହାକି ଯତ୍ନପ୍ରଦାନକାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ଼ ଚାର୍ଟ ଇଂଟରଫେସ୍ ରହିଛି । ଶ୍ରବଣବାଧିତ ଇଂଟରଫେସ୍ ଜରିଆରେ ଜଣେ ଶ୍ରବଣବାଧିତ ବ୍ୟକ୍ତି ଡଟ୍‌ସ ଓ ଡ୍ୟାସର ବ୍ୟବହାର କରି ତାଙ୍କର ବାର୍ତାକୁ ପ୍ରେରଣ କରିଥାନ୍ତି । ଷ୍ଟାଣ୍ଡାର୍ଡ଼ ଇଂଟରଫେସ୍ ମାଧ୍ୟମରେ ୟୁଜର୍ସମାନେ ଶ୍ରବଣବାଧିତ ବ୍ୟକ୍ତିଙ୍କୁ ଟାଇପ୍ କରି ବା ସ୍ୱରର ବ୍ୟବହାର କରି ବାର୍ତାର ପ୍ରେରଣ କରିଥାନ୍ତି । ଟେକ୍ସଟ ବା ସ୍ୱର ମୋର୍ସ କୋଡ୍‌ରେ କମ୍ପନ ରୂପେ ଗ୍ରହଣ କରାଯାଇଥାଏ ଯାହାକୁ ଶ୍ରବଣବାଧିତ ଲୋକମାନେ ବୁଝି ପାରିଥାନ୍ତି ।

ଗୁଡ ଭାଇବ୍‌ସ ଆପ୍ କୁ ସାମ୍‌ସଙ୍ଗ ଗାଲାକ୍ସି ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରାଯାଇପାରିବ ଓ ଅନ୍ୟ ସମସ୍ତ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ୟୁଜରଙ୍କ ପାଇଁ ଖୁବ୍ ଶୀଘ୍ର ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ ।

ରେଲୁମିନୋ ଯାହାକୁ ସାମ୍‌ସଙ୍ଗ କର୍ମଚାରୀମାନଙ୍କ ଦ୍ୱାରା କମ୍ପାନୀର ସି-ଲ୍ୟାବ୍ ପ୍ରୋଗ୍ରାମ ଜରିଆରେ ବିକାଶ କରାଯାଇଛି । ଏହା ହେଉଛି ସ୍ୱଳ୍ପ ଦୃଷ୍ଟି ଥିବା ଲୋକମାନଙ୍କ ପାଇଁ ଏକ ଭିଜୁଆଲ୍ ଏଡ୍ ଆପ୍ଲିକେସନ । ଏହାଦ୍ୱାରା ଚିତ୍ରକୁ ମାଗ୍‌ନିଫାଏ ଓ ମିନିମାଇଜ୍ କରି, ଇମେଜ୍ ଆଉଟ୍‌ଲାଇନକୁ ହାଇଲାଇଟ୍ କରି, କଲର କଂଟ୍ରାଷ୍ଟକୁ ଆଡ୍‌ଜଷ୍ଟ କରି ଓ କଲର ରିଭର୍ସ କରି ସେମାନେ ଚିତ୍ରକୁ ଦେଖି ପାରିଥାନ୍ତି । ରେଲୁମିନୋ ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି ଲଗ ଅନ୍ କରନ୍ତୁ : https://www.samsungrelumino.com/ .ନାଗରିକ ପଦକ୍ଷେପର ଅଂଶସ୍ୱରୂପ, ସାମ୍‌ସଙ୍ଗ ସେନ୍‌ସି ଇଣ୍ଡିଆ ସହିତ ସହଭାଗୀତା ସ୍ଥାପନ କରିଛି ଯାହାକି ଏକ ଅଣ-ଲାଭଦାୟକ ସଂସ୍ଥା ଓ ଦେଶରେ ଶ୍ରବଣବାଧିତକ ଲୋକମାନଙ୍କରେ ଜୀବନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛି । ସାରା ଦେଶରେ ଗୁଡ୍‌ଭାଇବ୍‌ସକୁ ଶ୍ରବଣବାଧିତ ଲୋକମାନଙ୍କ ନିକଟରେ ପହଂଚାଇବା ନିମନ୍ତେ, ସାମ୍‌ସଙ୍ଗ ସେନ୍‌ସ ଇଣ୍ଡିଆ ଏଡୁକେଟର୍ସ, ଶ୍ରବଣବାଧିତ ବ୍ୟକ୍ତି, ତାଙ୍କର ଯତ୍ନପ୍ରଦାନକାରୀଙ୍କ ପାଇଁ ଦିଲ୍ଲୀ ଓ ବେଙ୍ଗାଲୁରୁ ଠାରେ ତାଲିମ୍ କର୍ମଶାଳାର ଆୟୋଜନ କରୁଛି ।

## ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ବ୍ରାଣ୍ଡ ଅଭିଯାନ

ଭୁବନେଶ୍ୱର: ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ ଆଜି ଏହାର ନୂତନ ବ୍ରାଣ୍ଡ ଅଭିଯାନ 'ଆର୍ ୟୁ ଦି ଡିଫରେନ୍ସ'ର ଶୁଭାରମ୍ଭ କରିଛି । ଜୀବନ ବୀମା କ୍ରୟ କରିବା ସମୟରେ ସେ ତାହାର ଗ୍ରାହକମାନଙ୍କୁ 'ବାସ୍ତବ ଜୀବନ ମୂଲ୍ୟ' ବିଷୟରେ ଅନୁଭବ କରାଇବା ଉପରେ ଦୃଷ୍ଟି ପ୍ରଦାନ କରୁଛି ।

ଏହି ଅଭିଯାନ ୬୦ ମିନିଟ୍ ସମୟ ଅବଧି ବିଶିଷ୍ଟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଚଳିତ ବର୍ଷ ସେପ୍ଟେମ୍ବର ୯ରୁ ପ୍ରସାରିତ ହେଉଛି । ଏହା ଗ୍ରାହକଙ୍କୁ ସେମାନଙ୍କ ପ୍ରିୟଜନଙ୍କ ଜୀବନରେ ଉଭୟ ଆର୍ଥିକ ଓ ମାନସିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି । ପୁଣି ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ 'ରିଅଲ୍ ଭ୍ୟାଲୁ ଟୁଲ୍'ର ଶୁଭାରମ୍ଭ କରିଛି, ଯାହା ଲୋକମାନଙ୍କୁ ସେମାନଙ୍କ ବାସ୍ତବ ମୂଲ୍ୟ ପ୍ରଦାନ କରିବା ସହିତ ବାସ୍ତବ ମୂଲ୍ୟ ଓ ବର୍ତ୍ତମାନର ଜୀବନ ବୀମା କଭର୍ ମଧ୍ୟରେ ଥିବା ଦୂରତାକୁ କମ୍ କରୁଛି । କମ୍ପାନୀ ଆଗତ ଦୁଇ ମାସ ମଧ୍ୟରେ ୫୦ ଲକ୍ଷ ଲୋକମାନଙ୍କୁ ଏହି 'ରିଅଲ୍ ଭ୍ୟାଲୁ ଟୁଲ୍' ମଧ୍ୟମରେ ସେମାନଙ୍କ ବାସ୍ତବ ମୂଲ୍ୟକୁ ହୃଦୟଙ୍ଗମ କରାଇବା ନିମନ୍ତେ ଲକ୍ଷ୍ୟ ରଖିଛି ।

ଏହି ବ୍ରାଣ୍ଡ ଅଭିଯାନ ବିଷୟରେ ଶ୍ରୀଯୁକ୍ତ ଆଲୋକ ଭାନ୍, ନିର୍ଦ୍ଦେଶକ ଓ ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ମ୍ୟାକ୍ସ ଲାଇଫ୍ ପ୍ରକାଶ କରିଛନ୍ତି, "ବାସ୍ତବ ଜୀବନ ଚର୍ଯ୍ୟା ମଧ୍ୟରେ ଆମର ଅଭିଯାନ ଲୋକମାନଙ୍କ ମୂଲ୍ୟକୁ ବଞ୍ଚାଇ ରଖିବାରେ ସହାୟକ ହୋଇପାରିବ । ଆମେ ବିଶ୍ୱାସ କରୁଯେ, ଯଦି ଲୋକମାନେ ସେମାନଙ୍କ ବାସ୍ତବ ମୂଲ୍ୟ ବୁଝିପାରିବେ, ତେବେ ସେମାନେ ଆପେ ଆପେ ଏହାକୁ ରକ୍ଷା କରିବା ନିମନ୍ତେ କାର୍ଯ୍ୟ କରିବେ । ଏହା ସେମାନଙ୍କ ପରିବାରକୁ କୌଣସି ପରିସ୍ଥିତିରେ ଅସୁବିଧାରେ ପଡ଼ିବାଠାରୁ ରକ୍ଷା କରିବ ।" ଏହି ଶୁଭାରମ୍ଭ ଅବସରରେ ରିତୁ ଶାରଦା, ମୁଖ୍ୟ କ୍ରିଏଟିଭ୍ ଅଧିକାରୀ, ଅଜିଲିଭି ନର୍ଥ କହିଛନ୍ତି, "ଅନେକ ସମୟରେ ଆମେ ଅନୁଭବ କରିନଥାଉ ଯେ, ଅନ୍ୟମାନଙ୍କ ଜୀବନରେ ଆମେ କେତେ ବଡ଼ ପରିବର୍ତ୍ତନ ଆଣିଛୁ । ଆମର କାର୍ଯ୍ୟ ଓ ଦାୟୀତ୍ୱ ମଧ୍ୟରେ ରହି ଆମେ ନିଜକୁ ନିମ୍ନ ଦୃଷ୍ଟିରେ ଦେଖିଥାଉ । ଏହା ଦର୍ଶାଉଛିଯେ, ଆମେ ଆମର ଜୀବନ ବୀମାକୁ କିଭଳି ଭାବେ ଗ୍ରହଣ କରୁଛୁ । 'ଆର୍ ୟୁ ଦି ଡିଫରେନ୍ସ' ଲୋକମାନଙ୍କୁ ସେମାନଙ୍କ ବାସ୍ତବ ମୂଲ୍ୟ ଉପରେ ଧ୍ୟାନ ଦେବା ଓ ସେମାନେ ସେମାନଙ୍କ ଜୀବନ ବୀମା ପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏକ ଉପଯୁକ୍ତ ପ୍ଲାଟଫର୍ମ ।"

## କୌଶଳ ଭାରତ ଅନ୍ତର୍ଗତ ସଂକଳ୍ପ ଯୋଜନା ଜିଲ୍ଲା ସ୍ତରରେ ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବ

ଭୁବନେଶ୍ୱର: ମାନ୍ୟବର କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମତା ମନ୍ତ୍ରୀ ଡା. ମହେନ୍ଦ୍ର ନାଥ ପାଣ୍ଡେ, ବିଶ୍ୱ ବ୍ୟାଙ୍କ ଲୋନ ର ସମିକ୍ଷା କରିଥିଲେ, ଜୀବନ ଧାରଣ ପାଇଁ ଦକ୍ଷତା ବିକାଶ ତଥା ଜ୍ଞାନ ଜାଗରଣ (ସଂକଳ୍ପ) କାର୍ଯ୍ୟକ୍ରମ ଉପରେ ସରକାର ଙ୍କ ପ୍ରଥମ ବୋର୍ଡ ବୈଠକରେ ଆଲୋକପାତ କରିଥିଲେ । ଯାହାକି ସରକାରୀ ଯୋଜନାର ମୁଖ୍ୟ ଅଂଶ ଅଟେ । ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଜ କୁମାର ସିଂ, କୌଶଳ ବିକାଶ ଏବଂ ଉଦ୍ୟମତା ଏହି ବୈଠକରେ ଉପସ୍ଥିତ ଥିଲେ ଏହା ଛଡା ଏମଏସଡିଇ ଏବଂ ୬ଟି ଅନ୍ୟ ମନ୍ତ୍ରଣାଳୟର ଉଚ୍ଚ ପାଦାଧିକାରୀ ମାନେ ମଧ ଉପସ୍ଥିତ ଥିଲେ ।

ଦେଶରେ ଥିବା ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ ଏଥିପାଇଁ ସୁଚନା ଦିଆଯାଇଥିଲା ଏବଂ ସେମାନେ ଏହି ସଂକଳ୍ପ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ନିଜର ସହମତି ପ୍ରକାଶ କରିଥିଲେ ଏବଂ ମନ୍ତ୍ରଣାଳୟ ଦ୍ୱାରା ୯ ଟି ରାଜ୍ୟ ଯଥା (ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗିଜୁରାଟ, ଜାମ୍ମୁ ଏବଂ କାଶ୍ମିର, ମହାରାଷ୍ଟ୍ର, ମଣିପୁର, ପଞ୍ଜାବ ଏବଂ ଉତର ପ୍ରଦେଶ ଇତ୍ୟାଦି )ରାଜ୍ୟ ଗୁଡିକୁ ପ୍ରଥମ ବର୍ଷର ଅନୁଦାନ ଦିଆଯାଇଛି । ଏହି ରାଜ୍ୟ ମାନଙ୍କ ଛଡା ଆକାଂକ୍ଷାତ୍ମକ କୌଶଳ ଅଭିଜାନ ଅନ୍ତର୍ଗତ ୧୧୭ ଟି ଆକାଂକ୍ଷାତ୍ମକ ଜିଲ୍ଲା, ପ୍ରତ୍ୟେକଙ୍କୁ ୧୦ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି । ସଂକଳ୍ପ ଅନ୍ତର୍ଗତ ତଥ୍ୟ ଗୁଡିକୁ ସୁରକ୍ଷିତ ରଖିବା ତଥା ପରିବର୍ତ୍ତନ କରିବା ପାଇଁ ସ୍କିଲ ଇଣ୍ଡିଆ ର୍ପୋଟାଲକୁ ଏକ ମଜଭୁତ ଆଇଟି ପ୍ରଣାଳୀ ଦ୍ୱାରା ବିକଶିତ କାରାଯାଇଛି । ମାନ୍ୟବର ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲା ସ୍ତରରେ କୌଶଳ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅଛି । ସେ ଆହୁରି ମଧ କହିଛନ୍ତି ଯେ ଯୁବପିଢି ମାନଙ୍କ ମଧ୍ୟରେ ଦକ୍ଷତାକୁ ନେଇ ମନଭିତରେ ଥିବା ଧାରଣାରେ ସୁଧାର ଆସିବା ଦରକାର ଏବଂ ଜିଲ୍ଲା କୌଶଳ ସିମିତି କୁ ସୁଚନା ଦିଆଯାଉଛି ଯେ ସେମାନେ ନିଜ ଜଲ୍ଲାରେ ଯୁବପିଢିଙ୍କୁ ପରାମର୍ଶ ଦେବାରେ ମହତ୍ୱପୂର୍ଣ୍ଣ ଭୁମିକା ନିଭାଇବା ଦରକାର । ସେ ଆହୁରି ମଧ କହିଛନ୍ତି ଯେ ସାଂସଦ ମାନେ ଜିଲ୍ଲା କୌଶଳ ସିମିତି ର ପ୍ରଦର୍ଶନକୁ ସମିକ୍ଷା କରିବାରେ ସାମିଲ ହେବା ଦରକାର । କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଜ କୁମାର ସିଂ କୌଶଳ ତାଲିମ କେନ୍ଦ୍ର ଗୁଡିକରେ ଉଚ୍ଚମାନର ଭିତିଭୁମିର ଆବଶ୍ୟକତା ସହ ଦିଆ ଯାଉଥିବା ସାର୍ଟିଫିକେଟ ମୁଲ୍ୟାଙ୍କନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ମନ୍ତ୍ରାଳୟର ବିଭିନ୍ନ କୌଶଳ ବିକାଶ ଯୋଜନା ଗୁଡିକର ସମନ୍ୱୟରେ ସଂକଳ୍ପ ସହୟତା କରିପାରିବ । ସେ ବିଭିନ୍ନ କ୍ଷେତ୍ର ଓ ସ୍ଥାନରେ କୌଶଳର ଆବଶ୍ୟତାକୁ ଅନୁଧାନ କରିବା ଉପରେ ମଧ ଗରୁତ୍ୱ ଦେଇଥିଲେ ।ସଂକଳ୍ପ ଭାରତ ସରକାରଙ୍କ ସ୍କିଲ ଡେଭେଲପମେଂଟ ଏବଂ ଏଂଟରପ୍ରେନିୟରସିପ (ଏମଏସଡିଇ) ମନ୍ତ୍ରାଳୟର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । ଏହା ବିକେନ୍ଦ୍ରିକରଣ ଯୋଜନା ଓ ଗୁଣାତ୍ମକ ଅଭିବୃଦ୍ଧି ଉପରେ ପର୍ଯ୍ୟବେଶିତ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିନରେ ଥିବା ସଂସ୍ଥା ମାନଙ୍କୁ ନେଇ ନ୍ୟାସନାଲ ସ୍କିଲ ଡେଭେଲପମେଂଟ ମିଶନ (ଏମଏସଡିଇ) ର ଯୋଜନା ସବୁକୁ କାର୍ଯ୍ୟକାରି କରିବା ପାଇଁ ସଂକଳ୍ପ ଲକ୍ଷ ରଖିଛି ।ସଂକଳ୍ପ ଅଧିନରେ ଚାରୋଟି କ୍ଷେତ୍ର ଯଥା ଆନୁଷ୍ଠାନିକ ସଶକ୍ତିକରଣ (ରାଷ୍ଟ୍ରୀୟ, ରାଜ୍ୟ ଓ ଜିଲ୍ଲା ସ୍ତରରେ ), କୌଶଳ ବିକାଶରେ ଗୁଣବତାର ପ୍ରତିଶ୍ରୁତି, ଅବହେଳିତ ମାନଙ୍କୁ କୌଶଳ ବିକାଶ ଯୋଜନାରେ ଅର୍ନ୍ତଭୁକ୍ତ ଏବଂ ପବ୍ଲିକ ଓ ପ୍ରାଇଭେଟ ସହଭାଗୀତାରେ କୌଶଳର ସଂପ୍ରସାରଣ ଉପରେ ଗୁରୁତ୍ୱ ଦେବା ପାଇଁ ଚିହ୍ନଟ କରାଯାଇଛି ।

ଏତଦ୍‌ବ୍ୟତିତ ମନ୍ତ୍ରାଳୟ ପକ୍ଷରୁ ଜିଲ୍ଲାସ୍ତରରେ କୌଶଳ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ସ୍କିଲ ଡେଭେଲପମେଂଟ ପ୍ଲାନ (ଡିଏସଡିପି) ପୁରସ୍କାରର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରର ୨୨୫ ଜିଲ୍ଲାରୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୨୫ ଜିଲ୍ଲାକୁ ଦିଲ୍ଲୀରେ ସେମାନଙ୍କ ଯୋଜନାକୁ ଉପସ୍ଥାପନ କରିବା ପାଇଁ ଆମନ୍ତ୍ରଣ କରାଯାଇଥିଲା । ଏହି ପ୍ରସ୍ତାବ ଗୁଡିକର ପର୍ଯ୍ୟାଲୋଚନା ପରେ ଡିଏସଡିପି ପୁରସ୍କାର ପ୍ରଦାନ କରାଯିବ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray